# ବହୁମୁଖୀ ବାତ୍ୟା/ ବନ୍ୟା ଆଶ୍ରୟସ୍ଥଳୀର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ପୁସ୍ତିକା



ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ)

ଓଡ଼ିଶା ସରକାର

ରାଜୀବ ଭବନ, ୟୁନିଟ୍-୫, ଭୁବନେଶ୍ୱର-୭୫୧୦୦୧
ଦୂରଭାଷ: ୦୬୭୪-୨୩୯୫୫୩୧, ଫ୍ୟାକ୍ସ: ୦୬୭୪-୨୩୯୧୮୭୧




OSDMA

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ)

ଓଡ଼ିଶା ସରକାର

## a_~ýùe cZý ^ ùjaì @ìc cì^ýae cLýcªíu ck f lý



### iõMV^e ù^ZZ MeZ eùL

## lGiWGcGe iì_^ìùe _cL bcKì [aì _ePìk^ì ^ùŸgKMY

*Cù_¦ ^ì[ ùaùjeì, @ìA.G.Gi*

*@RZ Kcìe Z_ìVí, @ìA.G.Gi*

*WKe @ea¦ ùaùjeì, @ìA.G.Gi*

*^k¬^ iì^ýìf, @ìA.G.Gi*

*RM\ì^¦ _Šì, @ìA.G.Gi*

*^K¬ Kùgìe i¦eìd, @ìA.G.Gi*

*aPZì^¦ \ìi, @ìA.G.Gi*

*WKe Zìeì\©, @ìA.G.Gi*

*WKe ùcì^ì gcì, @ìA.G.Gi*

*R.b.b. gcì, @ìA.G.Gi*

*_\¯ Kcìe cjì_ìZ, @ìA.G.Gi*

*a¾_\ ùiVí, @ìA.G.Gi*



M¬ìc Rfìe M¬ìc aK @]^ì gZùììf Micùe @aìZ ajcLí aìZýì @ìgdikìùe Äf _fìu ùgYìMj bìaùe aýajìe Keì~ìC@Qö



@ìgdikì ÉeìdUìÄ ù`ìi \kcì^u eìRýÉeìd _Zù~ìMìZìe C\NìU^ icìùeìj



@ìgdikìK ùMìÂìùe [aì ùfìKcì^u iì^«e



@ìgdikì ÉeìdUìÄ ù`ìi \k



"Kkì~ì[ì" (_[_ì« ^ìUK) \ìeì @ìgdikì aýajìe lelYìùalY ^cù« R^iùPZ^Zì

# ବହୁମୁଖୀ ବାତ୍ୟା/ ବନ୍ୟା ଆଶ୍ରୟସ୍ଥଳୀର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ପୁସ୍ତିକା




OSDMA

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ)

ଓଡ଼ିଶା ସରକାର


ରାଜୀବ ଭବନ, ୟୁନିଟ୍-୫, ଭୁବନେଶ୍ୱର-୭୫୧୦୦୧

ଦୂରଭାଷ: ୦୬୭୪-୨୩୯୫୫୩୧, ଫ୍ୟାକ୍ସ: ୦୬୭୪-୨୩୯୧୮୭୧

**ପ୍ରକାଶକ:**
**ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ)**
**ଓଡ଼ିଶା ସରକାର**
ରାଜୀବ ଭବନ, ୟୁନିଟ୍-୫, ଭୁବନେଶ୍ୱର-୭୫୧୦୦୧
ଦୂରଭାଷ: ୦୬୭୪-୨୩୯୫୩୯୮, ଫ୍ୟାକ୍ସ: ୦୬୭୪-୨୩୯୧୮୭୧

**ପ୍ରକାଶ ସମୟ: ମାର୍ଚ୍ଚ, ୨୦୧୯**

**ପ୍ରକାଶନ:**
**ଶ୍ରୀଯୁକ୍ତ ବିଷ୍ଣୁପଦ ସେଠୀ, ଆଇ.ଏ.ଏସ୍., ଶାସନ ସଚିବ (ବିପର୍ଯ୍ୟୟ ପରିଚାଳନା), ସ୍ୱତନ୍ତ୍ର ରିଲିଫ୍ କମିଶନର ଏବଂ ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ** ମାର୍ଗଦର୍ଶନରେ ଶ୍ରୀ କୃଷ୍ଣ ଚନ୍ଦ୍ର ବିଶୋଇ, ସାଧାରଣ ପରିଚାଳକ, ଆଶ୍ରୟସ୍ଥଳୀ ଓ ସଂଯୋଜନା ଏବଂ ଶ୍ରୀ ସୁଦେଶ କୁମାର ସେଠୀ, ଓଏସ୍‌ଡିଏମ୍‌ଏଙ୍କ ଦ୍ୱାରା ଓ ଆଶ୍ରୟସ୍ଥଳୀ ପରିଚାଳନା ସମିତି, ଆଶ୍ରୟସ୍ଥଳୀ ସହିତ ସଂପୃକ୍ତ ଥିବା ବେସରକାରୀ ଅନୁଷ୍ଠାନ, ଅନ୍ୟ ଅଭିଜ୍ଞ ବ୍ୟକ୍ତିଙ୍କ ସହଯୋଗରେ ବହୁମୂଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ନିମନ୍ତେ ପୁସ୍ତିକାଟି ପ୍ରସ୍ତୁତ କରାଯାଇଛି ।

***ସହାୟତା: ବିଶ୍ୱବ୍ୟାଙ୍କ ଅନୁଦାନ, ଜାତୀୟ ଆପଦ ପ୍ରଶମନ ପ୍ରକଳ୍ପ ଜରିଆରେ (ଏନ୍‌ସିଆର୍‌ଏମ୍‌ପି)***



# ପୃଷ୍ଠଭୂମି

ଅତୀତରେ ଗୋଷ୍ଠୀସ୍ତରରେ ବିପର୍ଯ୍ୟୟର ସଫଳ ପରିଚାଳନା ଓ ମୁକାବିଲା କରାଯାଇଛି । ତଥାପି, କିଛି ପରିଚାଳନାରେ ସୁଧାର ଆଣିବାରେ ଆବଶ୍ୟକତା ରହିଅଛି । ବିପର୍ଯ୍ୟୟର ପ୍ରଥମ ମୁକାବିଲାକାରୀ ଭାବେ ଗୋଷ୍ଠୀ ସମୂହର ବିପର୍ଯ୍ୟୟ ମୁକାବିଲାରେ ଅଂଶଗ୍ରହଣକୁ ଅଧିକ ବ୍ୟାପକ, ପ୍ରଭାବି ଓ ଦୃଢ଼ କରାଯିବା ପାଇଁ ଯୋଜନାଯୁକ୍ତ ତାଲିମ ଓ ଦକ୍ଷତା ବୃଦ୍ଧି କରାଯିବା ଆବଶ୍ୟକ ।

ଓଡ଼ିଶାରେ ଗୋଷ୍ଠୀସ୍ତରରେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଏକ ମହତ୍‌କାଂକ୍ଷୀ ଉଦ୍ଦେଶ୍ୟ ଭିତ୍ତିରେ ଏହାକୁ ସ୍ଥାୟୀ ପରିଚାଳନା ଓ ଅଂଶୀଦାରୀମାନଙ୍କ ସହଭାଗୀତାରେ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଆଶ୍ରୟସ୍ଥଳୀସ୍ତରୀୟ ଏକ ସମିତି ଗଠନ କରାଯାଇଅଛି ।

ଆଶ୍ରୟସ୍ଥଳୀସ୍ତରୀୟ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିର ଆବଶ୍ୟକତାକୁ ଉପଲବ୍‌ଧି କରି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଉପଯୁକ୍ତ ପରିଚାଳନା ନିୟମାବଳୀକୁ ଅନୁସରଣ କରିବା ନିମନ୍ତେ ଉକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଇଅଛି । ଏହି ପୁସ୍ତିକାରେ ରହିଥିବା ନିୟମାବଳୀ, ସିଦ୍ଧାନ୍ତଗୁଡ଼ିକୁ ଆଶ୍ରୟସ୍ଥଳୀ ସ୍ତରୀୟ ସମିତି ଅନୁକରଣ କରିପାରିବେ । ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ମଡେଲର ଗୁରୁତ୍ୱ ଦୃଷ୍ଟିରୁ ନୂଆ ନୀତିନିୟମ ଓ ସିଦ୍ଧାନ୍ତ ସମର୍ଥନ ପ୍ରଣାଳୀକୁ ସାମିଲ କରିବା ପାଇଁ ଉକ୍ତ ପୁସ୍ତିକା ସମୟାନୁଯାୟୀ ସଂଶୋଧିତ କରାଯାଇଥାଏ ।



**ପରିଚାଳନା ନିର୍ଦ୍ଦେଶକ**

# ବିଷୟବସ୍ତୁ


| | | |
|---|---|---|
| ୧. | ଉପକ୍ରମ | ୧ |
| ୨. | ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ | ୨ |
| ୩. | ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ | ୪ |
| ୪. | ନିରାପଦ ଆଶ୍ରୟସ୍ଥଳୀ କଣ ? | ୭ |
| ୫. | ଆଶ୍ରୟସ୍ଥଳୀ କାହିଁକି ବହୁମୁଖୀ ଅଟେ | ୮ |
| ୬. | ପର୍ଯ୍ୟାୟକ୍ରମେ ଆଶ୍ରୟସ୍ଥଳୀଗୁଡ଼ିକରରେ ଅନ୍ତର୍ଭୁକ୍ତ କରାଯାଉଥିବା ପରିବର୍ତ୍ତିତ ବିଶେଷତା | ୧୦ |
| ୭. | ଆଶ୍ରୟସ୍ଥଳୀର ଦୈନନ୍ଦିନ ବ୍ୟବହାରଗତ ନିୟମାବଳୀ | ୧୧ |
| ୮. | ଆଶ୍ରୟସ୍ଥଳୀ ସମ୍ବନ୍ଧୀୟ ସାମାଜିକ ଦାୟୀତ୍ୱବୋଧତାକୁ ନେଇ ଗୋଷ୍ଠୀସ୍ତରରେ ପାରସ୍ପରିକ ଭାବ ଆଦାନ ପ୍ରଦାନ । | ୧୩ |
| ୯. | ପରିଚାଳନା ସମିତିର ପ୍ରମୁଖ ବୈଶିଷ୍ଟ୍ୟ | ୧୫ |
| ୧୦. | ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି ଗଠନ ସମ୍ବନ୍ଧରେ | ୧୫ |
| ୧୧. | ଆଶ୍ରୟସ୍ଥଳୀର ମୁଖ୍ୟ ଲକ୍ଷ୍ୟ ଓ ଆଭିମୁଖ୍ୟକୁ ରୂପାୟନ କରିବାରେ ''ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି''ର ଭୂମିକା | ୨୩ |
| ୧୨. | ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିର କାର୍ଯ୍ୟାବଳୀ | ୨୪ |
| ୧୩. | ପଞ୍ଜିକରଣ/ରେଜିଷ୍ଟ୍ରେସନ | ୨୪ |
| ୧୪. | ଆଶ୍ରୟସ୍ଥଳୀସ୍ତରରେ କାର୍ଯ୍ୟନିର୍ବାହୀ ଦଳ (ଟାସ୍କ ଫୋର୍ସ) ବିପର୍ଯ୍ୟୟ ପରିଚାଳନା ଦଳ (ଡି.ଏମ୍.ଟି.) | ୨୫ |
| ୧୫. | ପ୍ରଶିକ୍ଷଣ ଏବଂ ଦକ୍ଷତା ବୃଦ୍ଧି | ୨୭ |
| ୧୬. | ଆଶ୍ରୟସ୍ଥଳୀର ସ୍ତରରେ ମକ୍‌ଡ୍ରିଲ୍ | ୨୯ |
| ୧୭. | ବେସରକାରୀ ସଂସ୍ଥାର ସମ୍ପୃକ୍ତି | ୩୨ |
| ୧୮. | ରକ୍ଷଣାବେକ୍ଷଣ/ମରାମତି ପାଇଁ କର୍ପସ ଫଣ୍ଡ | ୩୨ |
| ୧୯. | ଆର୍ଥିକ ନିୟମାବଳୀ | ୩୩ |
| ୨୦. | ଆଶ୍ରୟସ୍ଥଳୀର ଉପକରଣ | ୩୪ |
| ୨୧. | ନଥିପତ୍ର ପ୍ରସ୍ତୁତି ଏବଂ ତଥ୍ୟ ପ୍ରଦାନ | ୪୧ |
| ୨୨. | ଗୋଷ୍ଠୀର ସହଭାଗୀତା/ଅଂଶଗ୍ରହଣ | ୪୨ |
| ୨୩. | ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟ | ୪୫ |
| ୨୪. | ବିପର୍ଯ୍ୟୟ ପରିଚାଳନାରେ ଗୋଷ୍ଠୀର ଭୂମିକା | ୪୬ |
| ୨୫. | ଜରୁରୀକାଳୀନ କିଟ୍ ପ୍ରସ୍ତୁତି | ୫୦ |
| ୨୬. | ଆଶ୍ରୟସ୍ଥଳୀରେ ଉପଲବ୍ଧ ସୁବିଧା ସୁଯୋଗ ପାଇଁ ସମ୍ମାନ ଏବଂ ମାନ୍ୟତା | ୫୧ |
| ୨୭. | ଫର୍ମ/ଫର୍ମାଟ୍ | ୫୨ |

# ଉପକ୍ରମ:

ଭାରତୀୟ ପାଣିପାଗ ବିଭାଗର ବାତ୍ୟା ସମ୍ପର୍କିତ ବାର୍ଷିକ ରିପୋର୍ଟରେ ପ୍ରଦତ୍ତ ବାତ୍ୟା ମଧ୍ୟରେ ଓଡ଼ିଶାରେ ଅତୀତରେ ଘଟିଯାଇଥିବା ପ୍ରମୁଖ ବାତ୍ୟା ୧୮୮୫ ମସିହାରେ ହୋଇଥିଲା (ଫଲ୍ସ ପଏଣ୍ଟ-ହୁକିଟୋଲା), ୧୯୭୧ରେ (ଜମ୍ବୁ-କେନ୍ଦ୍ରାପଡା) ଓ ୧୯୯୯ ମସିହାରେ (ପାରାଦ୍ୱୀପ, ଏରସମା-ଜଗତସିଂହପୁର)ରେ ରେକର୍ଡ ସଂଖ୍ୟକ ଯଥାକ୍ରମେ ପ୍ରାୟ ୫୦୦୦, ପ୍ରାୟ ୧୦୦୦୦ ଓ ୯୮୮୫ ଜଣ ମଣିଷ ମୃତ୍ୟୁ ବରଣ କରିଥିଲେ । ସେମାନଙ୍କ ମଧ୍ୟରୁ କେତେକଙ୍କ ମୃତ୍ୟୁ ଘର ଭାଙ୍ଗି ଉପରେ ପଡିବା ଦ୍ୱାରା କିମ୍ବା ଭଗ୍ନ ବସ୍ତୁ ଉଡି ଆଘାତ ଲାଗିବା କାରଣରୁ ହୋଇଥିଲା । ଏହି ଜଟିଳ ପରିସ୍ଥିତି ବିପତ୍ତି ହ୍ରାସ ପାଇଁ ବିପର୍ଯ୍ୟୟ ପ୍ରତିରୋଧକ ଆଶ୍ରୟସ୍ଥଳୀ ନିର୍ମାଣ ନିମନ୍ତେ ପ୍ରୋତ୍ସାହିତ କରିଥିଲା ।

**"ଶକ୍ତିଶାଳୀ ଗୋଷ୍ଠୀ-ସୁରକ୍ଷିତ ଗୃହ"** ଏକ ଉପଲବ୍ଧି ହୋଇଥିଲେ ମଧ୍ୟ ଏହାର ପରିବାରସ୍ତରରେ କାର୍ଯ୍ୟାନ୍ୱୟନ ଏକ ଆହ୍ୱାନ ଅଟେ । ନିର୍ଦ୍ଦିଷ୍ଟ ବିପର୍ଯ୍ୟୟ ଏବଂ ତା ପାଇଁ ଉଦ୍ଦିଷ୍ଟ ସ୍ଥାନୀୟ ଅଳ୍ପ ଖର୍ଚ୍ଚରେ ଘର ଡିଜାଇନ୍, ବୈଷୟିକ ସହାୟତା, ଗୃହ ନିର୍ମାଣ ନିମନ୍ତେ ଉଦ୍ଦିଷ୍ଟ ନିର୍ଦ୍ଦିଷ୍ଟ ନିୟମ ଲାଗୁ କରିବା, ଗୋଷ୍ଠୀର ବିଭିନ୍ନ କାର୍ଯ୍ୟକ୍ରମର ସମନ୍ୱୟ ଏବଂ ସର୍ବୋପରି ସମସ୍ତଙ୍କର ସୁକ୍ଷମ ସାମାଜିକ ପୁନର୍ବାସ ଏକ ଏକ କଷ୍ଟକର ଜଟିଳ ପ୍ରକ୍ରିୟା । ତେଣୁ ବିପଦ ସଂକୁଳ ସ୍ଥାନରେ ଦୁର୍ବଳ ଶ୍ରେଣୀମାନଙ୍କ ନିମନ୍ତେ ସୁରକ୍ଷା ଚିନ୍ତା ବର୍ତ୍ତମାନର ମୁଖ୍ୟ ଆବଶ୍ୟକତା । ସେଥି ନିମନ୍ତେ ବିପର୍ଯ୍ୟୟ-ଭୟ-ହ୍ରାସ ପାଇଁ ବୈଜ୍ଞାନିକ ପଦ୍ଧତିରେ ବିପର୍ଯ୍ୟୟ ସହନଶୀଳ ସୁରକ୍ଷିତ ଗୃହ/ଆଶ୍ରୟସ୍ଥଳ ଆବଶ୍ୟକ ସ୍ଥାନରେ ନିର୍ମାଣ କରାଯାଇଛି । ଯାହାକି ଗୋଷ୍ଠୀସ୍ତରରେ ଦୈନନ୍ଦିନ ବ୍ୟବହାର ରକ୍ଷଣାବେକ୍ଷଣ ଓ ଉତ୍ତମ ପରିଚାଳନା ସାମୁହିକ ଦେଖାଶୁଣା ପ୍ରକ୍ରିୟା ମାଧ୍ୟମରେ ଦୀର୍ଘସ୍ଥାୟୀ ହୋଇପାରିଛି ।

ବାତ୍ୟା/ବନ୍ୟା ପ୍ରଭାବିତ ଅଞ୍ଚଳରେ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି, ରାଜ୍ୟ ବଜେଟ୍, ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠି, କଣ୍ଟେନର କର୍ପୋରେସନ୍ ଓ ବିଶ୍ୱ ବ୍ୟାଙ୍କ୍ ସହାୟତାରେ ବର୍ତ୍ତମାନ ୨୫ ଗୋଟି ଜିଲ୍ଲାରେ ପର୍ଯ୍ୟାୟକ୍ରମେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ୮୧୪ ଗୋଟି ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଅଛି । ତତ୍‌ସହିତ ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଦ୍ୱାରା ୬୫ ଗୋଟି ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଅଛି । ଅଦ୍ୟାବିଧି ଆମ ରାଜ୍ୟରେ ସର୍ବମୋଟ୍ ୮୭୯ ଗୋଟି ବହୁମୂଖୀ ଆଶ୍ରୟସ୍ଥଳୀ ନିର୍ମାଣ ହୋଇଛି ।

ନିର୍ମାଣାଧିନ ଆଶ୍ରୟସ୍ଥଳୀଗୁଡ଼ିକ ବିପର୍ଯ୍ୟୟ ଯଥା- ବାତ୍ୟା, ବନ୍ୟା, ସୁନାମୀ ଭଳି ବିପର୍ଯ୍ୟୟ ସମୟରେ ବାତ୍ୟା ଓ ବନ୍ୟା ପ୍ରବଣ ଅଞ୍ଚଳର ଲୋକମାନେ ନିରାପଦରେ ଆଶ୍ରୟ ନେଇ ପାରିବେ । ଏଥିନିମନ୍ତେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଆଶ୍ରୟସ୍ଥଳୀ ଗ୍ରାମ ଓ ସଂଯୋଗ ଗ୍ରାମରେ ଗୋଷ୍ଠୀଭିତ୍ତିକ ବିପର୍ଯ୍ୟୟ ପ୍ରସ୍ତୁତି, ମୁକାବିଲା ଓ ଆଶ୍ରୟସ୍ଥଳୀ ପରିଚାଳନା ନିମନ୍ତେ ବିଭିନ୍ନ ପ୍ରକାର ଜନସଚେତନତା କାର୍ଯ୍ୟକ୍ରମ ଓ ତାଲିମ୍ ଦିଆଯାଇ ଗୋଷ୍ଠୀକୁ ସୁଦୃଢ଼ୀକରଣ କରାଯାଉଛି ।




## ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ:

ଏହା ଏକ କ୍ରାନ୍ତିୟ ବାତ୍ୟା ପାଣିପାଗ ସମ୍ବନ୍ଧୀୟ ଘଟଣା, ଯାହାକି ଉପକୂଳବର୍ତ୍ତୀ ଅଞ୍ଚଳଗୁଡିକ ଉପରେ ଅତ୍ୟଧିକ ପ୍ରଭାବ ପକାଇଥାଏ । ସାମୁଦ୍ରିକ ଝଡ଼ ବ୍ୟତୀତ, ସୁନାମୀ, ଉଚ୍ଚ ଲୁଣା ଜୁଆର ଆସି ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କର ପ୍ରଭୁତ କ୍ଷୟକ୍ଷତି କରିଥାଏ । ସମୁଦ୍ର ଉପକୂଳ ଠାରୁ ୧୦ କି.ମି. ପରିଧି ମଧ୍ୟରେ ବାତ୍ୟାର ପ୍ରକୋପ ଅଧିକ ଅନୁଭୂତ ହୋଇଥାଏ । ଆମ ରାଜ୍ୟ ଓଡ଼ିଶାର ୪୮୦ କି.ମି. ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ନିରାପଦ ଆଶ୍ରୟସ୍ଥଳୀ ନଥିବା ଯୋଗୁଁ ୧୯୯୯ ମସିହା ମହାବାତ୍ୟାରେ ଅନେକ ଧନ ଜୀବନ ହାନି ଘଟିଥିଲା । ଏଥିପାଇଁ ମହାବାତ୍ୟା ପରେ ବିପର୍ଯ୍ୟୟକୁ ସଫଳ ମୁକାବିଲା କରିବା ପାଇଁ ବିପର୍ଯ୍ୟୟ ପ୍ରଭାବିତ ଅଞ୍ଚଳରେ ସଚେତନତା ସୃଷ୍ଟି ସମେତ, ଜନସାଧାରଣଙ୍କୁ ନିରାପଦ ଆଶ୍ରୟ ଓ ଥଇଥାନ ନିମନ୍ତେ ଓଡ଼ିଶା ସରକାରଙ୍କ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଥମ କରି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବାକୁ ସ୍ଥିର କରାଯାଇ, ବାତ୍ୟା ଆଶ୍ରୟସ୍ଥଳ ସ୍ଥାନ ନିରୂପଣ ପାଇଁ ଆଇ.ଆଇ.ଟି. ଖଡଗପୁର ବୈଷୟିକ ସଂସ୍ଥାକୁ ନିୟୋଜିତ କରାଯାଇ ଥିଲା । ସମୁଦ୍ର ଉପକୂଳ ଅଞ୍ଚଳର ଉଚ୍ଚ ଜୁଆର ଦ୍ୱାରା ପ୍ରଭାବିତ ଜନବସତି ଓ ଅତୀତରେ ଘଟିଯାଇଥିବା ମହାବାତ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତିର ମାତ୍ରା ତଥା ଅନ୍ୟାନ୍ୟ ଦିଗକୁ

*ବାତ୍ୟା ଆଶ୍ରୟସ୍ଥଳୀ କେବଳ ଏକ କୋଠାଘର ନୁହେଁ, ଏହା ଏକ ବହୁମୁଖୀ ସାମାଜିକ କେନ୍ଦ୍ର*





ଭିତ୍ତି କରି ସମୁଦ୍ର ଉପକୂଳ ଠାରୁ ୧୦ କି.ମି. ପରିଧି ମଧ୍ୟରେ ଥିବା ଅଞ୍ଚଳକୁ ଅତି ସମ୍ବେଦନଶୀଳ ଅଂଚଳ ଭାବେ ବିବେଚନା କରାଯାଇ ବିପଦ ସଂକୁଳିତ ଗ୍ରାମଗୁଡ଼ିକୁ ଚିହ୍ନଟ କରାଯିବା ସହିତ ସେହି ଗୋଷ୍ଠୀର ଜନସାଧାରଣଙ୍କ ସମୂହ ଜୀବନକୁ ସୁରକ୍ଷା ଦେବା ପାଇଁ ପ୍ରାଥମିକତା ଭିତ୍ତିରେ କୌଣସି ପ୍ରାକୃତିକ ବାଧାବିଘ୍ନ ନଥିବା (ନଦୀ, ନାଳ, ଯୋର ଇତ୍ୟାଦି) ଗ୍ରାମଗୁଡ଼ିକର ଅବସ୍ଥିତିକୁ ଧ୍ୟାନ ଦିଆଯାଇ ୨.୫ କି.ମି. ମଧ୍ୟରେ ଥିବା ଗ୍ରାମ ଓ ସଂଲଗ୍ନ ଗ୍ରାମଗୁଡ଼ିକର ଜନସଂଖ୍ୟା, ପକ୍କା ଘର ଓ ଅନ୍ୟାନ୍ୟ ଦିଗକୁ ଆଧାର କରି ଆଶ୍ରୟସ୍ଥଳୀ ନିର୍ମାଣ ନିମନ୍ତେ ସ୍ଥାନ ନିରୂପଣ କରାଯାଇଛି । ଏହା ପରେ ସଂପୃକ୍ତ ଗୋଷ୍ଠୀ ସହିତ ବିଚାରବିମର୍ଶ ପରେ ସେହି ଗ୍ରାମର ଉପଯୁକ୍ତ ସ୍ଥାନ ଚିହ୍ନଟ କରି ପର୍ଯ୍ୟାୟ କ୍ରମେ ବିଭିନ୍ନ ଯୋଜନା ମାଧ୍ୟମରେ ୫୦୩ ଗୋଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଅଛି। ନିର୍ମାଣ ହୋଇଥିବା ଆଶ୍ରୟସ୍ଥଳୀଗୁଡ଼ିକ ବୈଜ୍ଞାନିକ ପଦ୍ଧତିରେ କରାଯାଇଛି। ସାଧାରଣତଃ ତୋଫାନ ହେଉ ବା ଉଚ୍ଚ ଜୁଆର ଢେଉ ଦ୍ୱାରା ଏହାର କୌଣସି କ୍ଷତି କରିପାରିବ ନାହିଁ। ଆଶ୍ରୟସ୍ଥଳୀ ନିର୍ମାଣ ନିମନ୍ତେ ସମସ୍ତ ଦିଗ ଓ ସେହି ସ୍ଥାନକୁ ଭିତ୍ତି କରି ରୂପାଙ୍କନ (ଡିଜାଇନ୍ ଓ ଡ୍ରଇଂ) କାର୍ଯ୍ୟକାରୀ କରାଯାଇଛି। ଏହି ଆଶ୍ରୟସ୍ଥଳୀ ନିର୍ମାଣ ହେବା ଦ୍ୱାରା ଗୋଷ୍ଠୀରେ ଥିବା ବିପଦସଂକୁଳିତ ଜନସାଧାରଣଙ୍କୁ ବିପର୍ଯ୍ୟୟ ସମୟରେ ନିରାପଦ ଆଶ୍ରୟ ଦିଆଯାଇପାରିଛି।

**ନିମ୍ନଲିଖିତ ବିଷୟଗୁଡିକୁ ବିଚାରକୁ ନେଇ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ଦ୍ୱାରା ଆଶ୍ରୟସ୍ଥଳୀ ନିର୍ମାଣ ହେବାର ସ୍ଥାନକୁ ଯୁଗ୍ମ ପରିଦର୍ଶନ କରି ଦୃଢ଼ ନିଶ୍ଚିତ କରାଇଥାନ୍ତି।**

- ଅବସ୍ଥିତ ବିଦ୍ୟାଳୟ ପରିସର କିମ୍ବା ବିଦ୍ୟାଳୟର ନିକଟବର୍ତ୍ତୀ ସ୍ଥାନରେ ଆଶ୍ରୟସ୍ଥଳୀ ନିର୍ମାଣ ହୋଇଥାଏ।

- ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ (ସ୍କୁଲ ପରିସରରେ ସ୍ଥାନ ନଥିଲେ) ବିବାଦମୁକ୍ତ ସରକାରୀ / ସର୍ବସାଧାରଣ ସ୍ଥାନ ଚିହ୍ନଟ କରାଯାଇଛି ।
- ଆଶ୍ରୟସ୍ଥଳୀ ନିର୍ମାଣ ସ୍ଥାନକୁ ପର୍ଯ୍ୟାପ୍ତ ପ୍ରବେଶ ସୁବିଧା ଥିବା ସହ ଗମନାଗମନ ଆଦିକୁ ବିଶେଷ ଦୃଷ୍ଟି ଦିଆଯାଇ ସଂଯୋଗୀକରଣ ରାସ୍ତା କରାଯାଇଛି ।
- ସ୍ଥାନୀୟ ତହସିଲ୍‌ଦାରଙ୍କ ଦ୍ୱାରା ପ୍ରସ୍ତାବିତ ସ୍ଥାନକୁ ଯାଞ୍ଚ କରାଯାଇ ଲ୍ୟାଣ୍ଡ୍ ପର୍ଟିକୁଲାରସ୍ ଓ ସ୍କେଚ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଥାଏ ।

## ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ:

ଓଡ଼ିଶାରେ ମୁଖ୍ୟତଃ ୧୧ଟି ନଦୀରେ ବନ୍ୟା ଆସିଥାଏ । ନଦୀ ସମୂହ ମଧ୍ୟରେ ମହାନଦୀ ଓ ଏହାର ଶାଖା / ଉପନଦୀରେ ବନ୍ୟା ଜଳ ଆସି ରାଜ୍ୟର ବହୁବିଧ କ୍ଷତିସାଧନ କରିଥାଏ । ଅନ୍ୟ ନଦୀମାନଙ୍କ ମଧ୍ୟରେ ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବ୍ରାହ୍ମଣୀ, ବୈତରଣୀ, ଋଷିକୁଲ୍ୟା ଏବଂ ବଂଶଧାରାରେ ମଧ୍ୟ ବନ୍ୟା ଜଳ ଆସିଥାଏ । ବନ୍ୟା ବାରମ୍ବାର ହେବା ଦ୍ୱାରା ଓଡ଼ିଶାରେ ଧନଜୀବନ ବହୁ ମାତ୍ରାରେ ନଷ୍ଟ ହୋଇଥାଏ । ନିରାପଦ ଆଶ୍ରୟସ୍ଥଳୀ ନଥିବା ଯୋଗୁଁ ବହୁମୂଲ୍ୟ ଜୀବନ ଏବଂ ପଶୁସଂପଦ ମଧ୍ୟ କ୍ଷତି ହୋଇଥାଏ ।




*ଆଶ୍ରୟସ୍ଥଳୀ ଆମର ଆଧୁନିକ ମନ୍ଦିର*




୨୦୦୮ ମସିହା ମହାନଦୀ ବନ୍ୟାର ବିଭୀଷିକା ପରେ ଏହି ସମସ୍ୟାକୁ ଦୂର କରିବା ପାଇଁ ବନ୍ୟା ପ୍ରବଣ ଅଞ୍ଚଳରେ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବା ପାଇଁ ତ୍ୱରିତ ନିଷ୍ପତ୍ତି ନିଆଯାଇ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଓ ରାଜ୍ୟ ବଜେଟ୍ ସହାୟତାରେ ରାଜ୍ୟ ସରକାରଙ୍କ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ବନ୍ୟା ପ୍ରଭାବ ଅଞ୍ଚଳରେ ପର୍ଯ୍ୟାୟକ୍ରମେ ମୋଟ ୩୧୧ ଗୋଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଅଛି ।

ବାତ୍ୟା ଆଶ୍ରୟସ୍ଥଳୀ ପରି ସମାନ ଢାଞ୍ଚାରେ ଆଇ.ଆଇ.ଟି. ଖଡଗପୁର ଦ୍ୱାରା ବନ୍ୟା ଆଶ୍ରୟସ୍ଥଳୀ ଭିତ୍ତିଭୂମି ନକ୍ସା ଏବଂ ପରିକଳ୍ପନା କରାଯାଇ ଏହା ସହ ଗୋଷ୍ଠୀ ସ୍ତରରେ ଉଭୟ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ସମାନ ବ୍ୟବସ୍ଥା ରହିଅଛି । ନିର୍ମାଣ ହୋଇଥିବା ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ବନ୍ୟା ପ୍ରବାହିତ ସମୟରେ ଆଶ୍ରୟସ୍ଥଳୀଗୁଡ଼ିକରେ ବିପଦ ସଂକୁଳିତ ଜନସାଧାରଣ ନିରାପଦ ଭାବେ ଆଶ୍ରୟ ନେଇପାରିଛନ୍ତି ।

ବର୍ତ୍ତମାନ ସୁଦ୍ଧା, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ମୋଟ ୨୫ ଗୋଟି ଜିଲ୍ଲାରେ

୮୧୪ ଗୋଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଅଛି । ସେଥି ମଧ୍ୟରୁ ୫୦୩ ଗୋଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଥିବା ସ୍ଥଳେ ୩୧୧ ଗୋଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ବିଭିନ୍ନ ଯୋଜନା ଓ ପ୍ରକଳ୍ପ ଜରିଆରେ ନିର୍ମାଣ କରାଯାଇଅଛି । ଏହାର ଏକ ତାଲିକା ନିମ୍ନରେ ପ୍ରଦାନ କରାଗଲା:

| **ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ବିବରଣୀ** | **ସଂଖ୍ୟା** |
|---|---|
| ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସହାୟତାରେ (ମହାବାତ୍ୟା ପରେ) | ୬୦ ଗୋଟି |
| ବିଶ୍ୱ ବ୍ୟାଙ୍କ ସହାୟତାରେ (ଇମିଡିଏଟ୍ ଫେଜ୍) | ୩୭ ଗୋଟି |
| ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠି ସହାୟତାରେ (ମହାବାତ୍ୟା ପରେ) | ୩୮ ଗୋଟି |
| ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି / ରାଜ୍ୟ ଯୋଜନା (ପୋଷ୍ଟ ଫାଇଲିନ୍) | ୩୬ ଗୋଟି |
| ବିଶ୍ୱବ୍ୟାଙ୍କ ସହାୟତାରେ (ଜାତୀୟ ଆପଦ ପ୍ରଶମନ ପ୍ରକଳ୍ପ-ଏନ୍‌ସିଆର୍‌ଏମ୍‌ପି) ୫ଟି ଗୋଡାଉନ୍ ସମେତ | ୧୫୪ ଗୋଟି |
| ବିଶ୍ୱବ୍ୟାଙ୍କ ସହାୟତାରେ (ଜାତୀୟ ଆପଦ ପ୍ରଶମନ ପ୍ରକଳ୍ପ-ଏନ୍‌ସିଆର୍‌ଏମ୍‌ପି) ଆଡିସନାଲ୍ ଫାଇନାନ୍ସ | ୧୬୨ ଗୋଟି |
| ବିଶ୍ୱବ୍ୟାଙ୍କ ସହାୟତାରେ (ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପ- ଆଇ.ସି.ଜେଡ୍.ଏମ୍.ପି.) | ୧୪ ଗୋଟି |
| କଣ୍ଟେନର କର୍ପୋରେସନ (ସିଏସ୍‌ଆର୍ ସହାୟତା) | ୦୨ ଗୋଟି |
| **ମୋଟ** | **୫୦୩ ଗୋଟି** |
| **ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ବିବରଣୀ** | |
| ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସହାୟତାରେ | ୫୦ ଗୋଟି |
| ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସହାୟତା(ସରପ୍ଲସ ଫଣ୍ଡ)ରେ | ୦୩ ଗୋଟି |
| ରାଜ୍ୟ ବଜେଟ୍ ସହାୟତାରେ | ୨୩ ଗୋଟି |
| ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସହାୟତାରେ(ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା) | ୧୫ ଗୋଟି |
| ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି / ରାଜ୍ୟ ବଜେଟ୍ ସହାୟତାରେ (ପୋଷ୍ଟ ଫାଇଲିନ୍) (ଓଏସ୍‌ଡିଏମ୍‌ଏ,ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପୂର୍ତ୍ତ ବିଭାଗ ଦ୍ୱାରା ) | ୨୨୦ ଗୋଟି |
| **ମୋଟ** | **୩୧୧ ଗୋଟି** |
| **ମୋଟ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ** | **୮୧୪ ଗୋଟି** |

## ନିରାପଦ ଆଶ୍ରୟସ୍ଥଳୀ କଣ ?



**ଏକ ନିରାପଦ ଆଶ୍ରୟସ୍ଥଳୀରେ ନିମ୍ନଲିଖିତ ବିଶେଷତା ରହିବା ଜରୁରୀ:**

❖ ଆସନ୍ନ ବିପତ୍ତିରୁ ରକ୍ଷା ପାଇବା ପାଇଁ ଆଶ୍ରୟସ୍ଥଳୀ ସୁରକ୍ଷିତ ଅଟେ। ବିପର୍ଯ୍ୟୟ ସମୟରେ ଏହି ଆଶ୍ରୟସ୍ଥଳୀ ପ୍ରଭାବିତ ହୋଇନଥାଏ। ଏହା ସହ ଉଚ୍ଚ ବନ୍ୟା ଜଳସ୍ତର, ଘୂର୍ଣ୍ଣିଝଡ ଏବଂ ଭୂମିକମ୍ପକୁ ମଧ୍ୟ ପ୍ରତିରୋଧ କରିପାରିଥାଏ।

❖ ଆଶ୍ରୟସ୍ଥଳୀକୁ ସଂଯୋଗ ରାସ୍ତା ବନ୍ୟା ଜଳ ସ୍ତର ଠାରୁ ଉଚ୍ଚ ଥିବାରୁ ଜନସାଧାରଣଙ୍କୁ ସ୍ଥାନାନ୍ତର ଓ ରିଲିଫ୍ ବଣ୍ଟନ ପ୍ରକ୍ରିୟା ପ୍ରଭାବିତ ହୁଏ ନାହିଁ। ଏଣୁ ଏହି ସଂଯୋଗିକରଣ ରାସ୍ତା ସର୍ବଦା ଉଚ୍ଚ ବନ୍ୟା ଜଳ ସ୍ତର ଠାରୁ ଅଧିକା ରହିବା ଆବଶ୍ୟକ।

❖ ପାଣି, ବିଜୁଳି ଓ ପରିମଳ ପରି ମୌଳିକ ସୁବିଧା ଉପଲବ୍ଧ ହେବା ଆବଶ୍ୟକ।

❖ ଆଶ୍ରୟସ୍ଥଳୀଟି ଗ୍ରାମ ନିକଟରେ ଥିବା ଆବଶ୍ୟକ। ଜନବସତି ଠାରୁ ଆଶ୍ରୟସ୍ଥଳୀ ମଝିରେ ନଦୀ, ନାଳ, ଯୋର ଭଳି ଭୌଗୋଳିକ ବାଧା ନଥିବା ଉଚିତ୍। ଯାହା ଦ୍ୱାରା ବିନା ବାଧାବିଘ୍ନରେ ଲୋକମାନେ ବିପର୍ଯ୍ୟୟ ସମୟରେ ସହଜରେ ଆଶ୍ରୟସ୍ଥଳୀକୁ ଯାଇପାରିବେ।

❖ ଆଶ୍ରୟସ୍ଥଳୀଟି ଦୂରରୁ ସ୍ପଷ୍ଟ ଦୃଶ୍ୟମାନ ହେବା ଆବଶ୍ୟକ।

## ନିରାପଦ ଆଶ୍ରୟସ୍ଥଳୀ ସମ୍ବନ୍ଧରେ

☛ ଅତୀତର ବିପତ୍ତିକୁ ଅନୁଧ୍ୟାନ କରି ଆଇ.ଆଇ.ଟି. ଖଡଗପୁର ଦ୍ୱାରା ସମୁଦ୍ର ଉପକୂଳ ଅଞ୍ଚଳର ବିପଦ ସଂକୁଳିତ ଗ୍ରାମ ଗୁଡ଼ିକରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ନିମନ୍ତେ ସ୍ଥାନ ଚିହ୍ନଟ କରାଯାଇଥିବା ସ୍ଥଳେ ବନ୍ୟା ଆଶ୍ରୟସ୍ଥଳୀ ସ୍ଥାନ ନିରୂପଣ ସକାଶେ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ଦ୍ୱାରା ବନ୍ୟା ପ୍ରବାହିତ ଅଞ୍ଚଳର କ୍ଷୟକ୍ଷତି ଓ ସମ୍ଭାବ୍ୟ ବନ୍ୟା ସମୟରେ ଲୋକମାନଙ୍କୁ ନିରାପଦରେ ଆଶ୍ରୟ ଦେବା ପାଇଁ ଆଶ୍ରୟସ୍ଥଳୀ ସ୍ଥାନ ଚିହ୍ନଟ କରାଯାଇଥାଏ।

☛ ଆଇ.ଆଇ.ଟି. ଖଡଗପୁର ଦ୍ୱାରା ବହୁମୁଖୀ ବାତ୍ୟା/ ବନ୍ୟା ଆଶ୍ରୟସ୍ଥଳୀର ନକ୍ସା ଓ ଢାଞ୍ଚା ବିକଶିତ କରାଯାଇଅଛି ।




☛ ପ୍ରତ୍ୟେକ କଷ୍ଟସାଧ ସ୍ତରରେ କରାଯାଇଥିବା ଗୁଣାତ୍ମକ କାର୍ଯ୍ୟକୁ ଭାରତୀୟ ମାନାଙ୍କ ବ୍ୟୁରୋ ଦ୍ୱାରା ଯାଞ୍ଚ କରାଯାଇ ଗ୍ରହଣୀୟ ହୋଇଛି ।

☛ ଭୂମିକମ୍ପ ଏବଂ ଅତି ପ୍ରଖର ବେଗରେ ବହୁଥିବା ପବନକୁ ପ୍ରତିରୋଧ କରିପାରିଲା ଭଳି ଏହି କୋଠାର ଗଠନ/ ସଂରଚନା କରାଯାଇଛି । ଉଚ୍ଚ ସ୍ତରର ବନ୍ୟା ଜଳ ପ୍ରବେଶ ନ କରିବା ଭଳି ଉକ୍ତ କୋଠା ନିର୍ମାଣ କରାଯାଇଛି, ତେଣୁ ବନ୍ୟାଜଳ ଦ୍ୱାରା ଆଶ୍ରୟସ୍ଥଳୀ ପ୍ରଭାବିତ ହେବାର ସମ୍ଭାବନା ନଥାଏ । ଅନିବାର୍ଯ୍ୟ କାରଣ ବଶତଃ ଯଦି ଉଚ୍ଚ ସ୍ତରର ବନ୍ୟା ଜଳ ଆସେ, ତେବେ ତାହା ବିନା ପ୍ରତିରୋଧରେ ତଳ ମହଲା ଦେଇ ନିଷ୍କାସିତ ହୋଇଯାଇଥାଏ ।

## ଆଶ୍ରୟସ୍ଥଳୀ କାହିଁକି ବହୁମୁଖୀ ଅଟେ




▶ ବିପର୍ଯ୍ୟୟ ସମୟରେ ବ୍ୟକ୍ତିର ଧନଜୀବନ ସୁରକ୍ଷା ଦେବା ଆଶ୍ରୟସ୍ଥଳୀର ମୁଖ୍ୟ ଉଦ୍ଦେଶ୍ୟ । ଜରୁରୀକାଳୀନ ପରିସ୍ଥିତିରେ ଆଶ୍ରୟସ୍ଥଳୀର ତଳ ମହଲାରେ

**ବାତ୍ୟା ଆଶ୍ରୟସ୍ଥଳୀ କେବଳ ଏକ କୋଠାଘର ନୁହେଁ, ଏହା ଏକ ବହୁମୁଖୀ ସାମାଜିକ କେନ୍ଦ୍ର**

ଗୃହପାଳିତ ପଶୁସଂପଦଙ୍କୁ ସୁରକ୍ଷା ନିମନ୍ତେ ବ୍ୟବହାର କରାଯାଇଥାଏ। ଏତଦ୍‌ବ୍ୟତୀତ ଜରୁରୀକାଳୀନ ସ୍ଥିତିରେ ଉପର ମହଲାରେ ରିଲିଫ୍ ସାମଗ୍ରୀ ଏବଂ ଔଷଧ ଆଦି ଗଚ୍ଛିତ ରଖାଯାଇଥାଏ।

- ▶ ପ୍ରାୟ ସମସ୍ତ ଆଶ୍ରୟସ୍ଥଳୀ ବିଦ୍ୟାଳୟ ପରିସର ବା ବିଦ୍ୟାଳୟ ନିକଟରେ ନିର୍ମାଣ କରାଯାଇଥିବାରୁ ବିପର୍ଯ୍ୟୟ ନଥିବା ସମୟରେ ବା ସାଧାରଣ ଦିନମାନଙ୍କରେ ଏହା ବିଦ୍ୟାଳୟର ଶ୍ରେଣୀଗୃହ ଭାବରେ ବ୍ୟବହାର କରାଯାଇଥାଏ।
- ▶ ଏତଦ୍‌ବ୍ୟତୀତ ଏହି ଆଶ୍ରୟସ୍ଥଳୀଗୁଡିକୁ ସଂପୃକ୍ତ ଗୋଷ୍ଠୀର କୋଠ ଘର ଅଙ୍ଗନୱାଡି କେନ୍ଦ୍ର, ପ୍ରଶିକ୍ଷଣ କେନ୍ଦ୍ର, ବିବାହ ମଣ୍ଡପ ସମେତ ଗ୍ରାମର ବିଭିନ୍ନ ପ୍ରକାର ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟରେ ମଧ୍ୟ ବ୍ୟବହାର କରାଯାଇଥାଏ।
- ▶ ଆଶ୍ରୟସ୍ଥଳୀର ମୁଖ୍ୟ ଉଦ୍ଦେଶ୍ୟ ପ୍ରଭାବିତ ନ ହେଲା ଭଳି ବ୍ୟବହାର କରାଯାଇ ଯାହା ସ୍ୱଳ୍ପ ଅର୍ଥ ମିଳିବ ତାକୁ ସମିତି ନାମରେ ବ୍ୟାଙ୍କରେ ଖୋଲାଯାଇଥିବା ଯୁଗ୍ମ ଆକାଉଣ୍ଟରେ ଜମା କରାଯାଇଥାଏ।

## ବହୁମୁଖୀ ଆଶ୍ରୟସ୍ଥଳୀର ଉପଲବ୍ଧ ସୁବିଧା ଓ ସୁଯୋଗ

- ❖ ପୁରୁଷ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର କକ୍ଷ
- ❖ ପୁରୁଷ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ
- ❖ ରୋଗୀ / ପ୍ରସୂତି ମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ
- ❖ ଷ୍ଟୋର ରୁମ୍
- ❖ ଭିନ୍ନକ୍ଷମ ଓ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ର୍‌ୟାମ୍ପ ଓ ସ୍ୱତନ୍ତ୍ର ଶୌଚାଳୟ ବ୍ୟବସ୍ଥା
- ❖ ବୋର୍ ୱେଲ୍ ଦ୍ୱାରା ପାନୀୟ ଜଳ ବ୍ୟବସ୍ଥା
- ❖ ବିଜୁଳି ବ୍ୟବସ୍ଥା ବ୍ୟାହତ ହେଲେ ଜେନେରେଟ (5 KV)ର ବ୍ୟବସ୍ଥା
- ❖ ଶ୍ରେଣୀ ଗୃହରେ ବ୍ଲାକ୍ ବୋର୍ଡ (କଳାପଟା) ବ୍ୟବସ୍ଥା
- ❖ ଆଶ୍ରୟସ୍ଥଳୀକୁ ଯାତାୟାତ ନିମନ୍ତେ ସବୁଦିନିଆ ରାସ୍ତା

## ପର୍ଯ୍ୟାୟକ୍ରମେ ଆଶ୍ରୟସ୍ଥଳୀଗୁଡ଼ିକରେ ଅନ୍ତର୍ଭୁକ୍ତ କରାଯାଉଥିବା ପରିବର୍ତ୍ତିତ ବିଶେଷତା (ଢାଞ୍ଚାଗତ ପରିବର୍ତ୍ତନ) :



୧. ଆଶ୍ରୟସ୍ଥଳୀ ଗୃହରେ ବହୁମୁଖୀ ବ୍ୟବହାର ନିମନ୍ତେ ସୁଗମ ଶୌଚାଳୟ ବ୍ୟବସ୍ଥା

୨. ସାର୍ବଜନୀନ ଢାଞ୍ଚା ଆଧାରରେ ତଳ ମହଲା ଠାରୁ ଉପର ମହଲା ପର୍ଯ୍ୟନ୍ତ ଥିବା ପାହାଚଗୁଡ଼ିକ ପୁନଃପରିକଳ୍ପନା ( ଚାଲିବା-୩୦୦ ମି.ମି ଓ ଉଠିବା-୧୫୦ ମିମି) କରାଯାଉଛି । ଚାଲିବା ପଥକୁ ଏକ ଉଜ୍ଜ୍ୱଳ ରଙ୍ଗ ବ୍ୟବହାର କରାଯାଉଛି ଯାହାକି ଆଲୋକ କମ୍ ଥିଲେ ମଧ୍ୟ ସ୍ୱଷ୍ଟ ଦୃଶ୍ୟମାନ ହେଉଥିବ । ଫଳରେ ଦିବ୍ୟାଙ୍ଗ ଓ ଦୃଷ୍ଟିବାଧିତ ବ୍ୟକ୍ତିମାନେ ଆଶ୍ରୟସ୍ଥଳୀରେ ଚଳପ୍ରଚଳ କରିବା ନିମନ୍ତେ ସୁବିଧା ହେବ ।



୩. ଉଭୟ ସିଡି ଓ ଦୁଇ ମହଲାକୁ ସଂଯୋଗ କରୁଥିବା ର୍ୟାମ୍ପ ଏବଂ ପାହାଚ କଡରେ ୪୦ ରୁ ୫୦ ମି.ମି. ବ୍ୟାସ ବିଶିଷ୍ଟ ଜି.ଆଇ. ପାଇପ୍ ଏବଂ ସିଡିର ବାଡ ୦.୭୫ ଓ ଉଚ୍ଚତା ୦.୯ ମି. ରହୁଛି ।



୪. ଚଲା ରାସ୍ତାର ଫାଟକରୁ କୋଠା ପର୍ଯ୍ୟନ୍ତ ସିମେଣ୍ଟ କଂକ୍ରିଟ୍‌ରେ ଚିକ୍କଣ ଭାବେ ପ୍ରଶସ୍ତ ଏବଂ ଦୁଇ ପାର୍ଶ୍ୱରେ ପ୍ରତିବନ୍ଧକ ବାଡ ନିର୍ମାଣ ଓ ଏହାକୁ କଳା ଧଳା ରଂଗରେ ଚିତ୍ରିତ କରାଯାଉଛି ।

୫. ପ୍ରବେଶ ପଥ ଏବଂ କରିଡରରେ ସ୍ୱଷ୍ଟତାର ଅନୁକରଣ ଟାଇଲ୍ ଲଗାଯାଉଛି ଯାହା ଫଳରେ ଦୃଷ୍ଟିଶକ୍ତି ନଥିବା ବା ଦୃଷ୍ଟିବାଧିତ ବ୍ୟକ୍ତି ସହଜରେ ଏହି ସୁବିଧାକୁ ଉପଲବ୍ଧ

## ଆଶ୍ରୟସ୍ଥଳୀର ଦୈନନ୍ଦିନ ବ୍ୟବହାରଗତ ନିୟମାବଳୀ:

୧. ବିପର୍ଯ୍ୟୟ ପ୍ରପୀଡିତ ଜନସାଧାରଣଙ୍କୁ ଆବଶ୍ୟକ ସମୟରେ ଆଶ୍ରୟ ଦେବା ଏହି ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀର ପ୍ରଥମ ଓ ମୁଖ୍ୟ ଉଦ୍ଦେଶ୍ୟ ।

୨. ଏହି ଆଶ୍ରୟସ୍ଥଳୀକୁ ଧର୍ମ, ଜାତି, ଲିଙ୍ଗ ଓ ଭାଷା ନିର୍ବିଶେଷରେ ସମସ୍ତ ଜନସାଧାରଣ ବ୍ୟବହାର କରିପାରିବେ । ମହିଳା, ଶିଶୁ, ଦିବ୍ୟାଙ୍ଗ ଓ ବୟସ୍କ ବ୍ୟକ୍ତିମାନଙ୍କ ପ୍ରତି ସମସ୍ତେ ଯତ୍ନବାନ ହେବେ ।

୩. ଏହାର ଦୈନ୍ୟନ୍ଦିନ ରକ୍ଷଣାବେକ୍ଷଣ ସ୍ଥାନୀୟ ଜନସାଧାରଣଙ୍କ ସାମୂହିକ ଦାୟିତ୍ୱ ହେବ । ଏଥିରେ ଆଶ୍ରୟସ୍ଥଳୀ ପରିଚାଳନା ପାଇଁ ଗଠିତ ସମିତି ସହାୟତା କରିବେ ।

୪. ପରିଚାଳନା ସମିତିର ଅନୁମୋଦନ କ୍ରମେ ଏହାକୁ ସରକାରୀ, ସାମାଜିକ, ସାଂସ୍କୃତିକ ଓ ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରାଯାଇ ପାରିବ । କିନ୍ତୁ ଆଶ୍ରୟସ୍ଥଳୀ ଓ ଏହାର ପରିସରକୁ ସ୍ଥାୟୀ ଭାବରେ ବ୍ୟବହାର କରିବାକୁ ଦିଆଯିବ ନାହିଁ ।

୫. ବ୍ୟବହାର ଲବ୍ଧ ଧନ ଏକ ସ୍ୱତନ୍ତ୍ର ପାଣ୍ଠିରେ ରଖାଯାଇ ତାହା ଗୃହର ରକ୍ଷଣାବେକ୍ଷଣ, ମରାମତି ଏବଂ ବିପର୍ଯ୍ୟୟ ପ୍ରସ୍ତୁତି କାର୍ଯ୍ୟକ୍ରମରେ ବ୍ୟବହୃତ ହେବ । ବିଭିନ୍ନ କାର୍ଯ୍ୟ ପାଇଁ ଦେୟର ହାର ପରିଚାଳନା ସମିତି ସ୍ଥିର କରିବେ ।




*ସେମାନେ ଅକ୍ଷମ ନୁହଁନ୍ତି, ବରଂ ଭିନ୍ନକ୍ଷମ ଅଟନ୍ତି । ଆମେ ସେମାନଙ୍କର ଶକ୍ତି ବୃଦ୍ଧିରେ ବିଶ୍ୱାସ ରଖୁ ।*

୬. ଏହି ଗୃହରେ କୌଣସି ପ୍ରକାର ଅସାମାଜିକ, ଅନୈତିକ ଏବଂ ଅସ୍ୱାସ୍ଥ୍ୟକର କାର୍ଯ୍ୟ କିମ୍ବା ସମାଜରେ ବିଭେଦ ସୃଷ୍ଟି କରୁଥିବା ଭଳି କାର୍ଯ୍ୟ କରାଯିବ ନାହିଁ।

୭. ପରିଚାଳନା ବା ବ୍ୟବହାର ଜନିତ କୌଣସି ଦ୍ୱନ୍ଦ ଉପୁଜିଲେ ତାହା ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲାପାଳ ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (OSDMA)ଙ୍କ ଦୃଷ୍ଟିକୁ ଅଣାଯିବ।

୮. ଆଶ୍ରୟସ୍ଥଳୀ ଓ ତାହାର ପରିସରକୁ ସବୁବେଳେ ପରିଷ୍କାର ରଖାଯିବ। ଉପରୋକ୍ତ ନିୟମାବଳୀ ଓଏସ୍‌ଡିଏମ୍‌ଏ ଦ୍ୱାରା ପ୍ରଣୀତ। ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏହି ନିୟମାବଳୀ ଆଶ୍ରୟସ୍ଥଳୀ ଗୃହ କାନ୍ଥରେପ୍ରଦର୍ଶିତ କରାଯାଇଛି।

୯. ବିଦ୍ୟାଳୟ ପରିସର ବା ନିକଟତର ସ୍ଥାନରେ ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ସାଧାରଣ ସମୟରେ ଏହାକୁ ବିଦ୍ୟାଳୟ ଶ୍ରେଣୀଗୃହ ଭାବରେ ବ୍ୟବହାର କରାଯାଇପାରିବ। ଆଶ୍ରୟସ୍ଥଳୀ ଗୃହଗୁଡ଼ିକରେ କଳାପଟା ମଧ୍ୟ ରହିଅଛି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶ୍ରେଣୀ ଗୃହକୁ ପୃଥକ କରିବା ପାଇଁ କାଠ ତିଆରି ବୋର୍ଡରେ ମଧ୍ୟ ଅଲଗା କରାଯାଇ ପାରିବ।

୧୦. ବିପର୍ଯ୍ୟୟଜନିତ ପ୍ରାକ୍ ସତର୍କ ସୂଚନା ପାଇବା ମାତ୍ରେ ସ୍ଥାନାନ୍ତରଣ ଜନସାଧାରଣଙ୍କ ନିମନ୍ତେ ଆଶ୍ରୟସ୍ଥଳୀକୁ ଖାଲି କରି ଏହାକୁ ସଦା ପ୍ରସ୍ତୁତ କରିବା ଆବଶ୍ୟକ।

## ଆଶ୍ରୟସ୍ଥଳୀ କୋଠାର ସ୍ଥାୟୀତ୍ୱ

ଓଡ଼ିଶାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳର ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରାଯାଇ ମୁଖ୍ୟ ମନ୍ତ୍ରୀ ରିଲିଫ୍ ପାଣ୍ଠି, ରାଜ୍ୟ ବଜେଟ୍, ପ୍ରଧାନ ମନ୍ତ୍ରୀ ରିଲିଫ୍ ପାଣ୍ଠି, କଣ୍ଟିନେର୍ କର୍ପୋରେସନ୍ ଓ ବିଶ୍ୱବ୍ୟାଙ୍କ୍ ସହାୟତାରେ କାର୍ଯ୍ୟକାରୀ ହୋଇଥିବା ଜାତୀୟ ବାତ୍ୟା ଆପଦ ପ୍ରଶମନ ପ୍ରକଳ୍ପ (ଏନ୍‌ସିଆରଏମ୍‌ପି), ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପ (ଆଇ.ସି.ଜେଡ୍.ଏମ୍.ପି.) ମାଧ୍ୟମରେ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ଦୁର୍ବିପାକ ସମୟରେ କ୍ଷୟକ୍ଷତିର ମାତ୍ରାକୁ କମ୍ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ବିପର୍ଯ୍ୟୟ ସମୟରେ ସ୍ଥାନୀୟ ଗୋଷ୍ଠୀ ହିଁ ପ୍ରଥମ ଏବଂ ତୁରନ୍ତ ମୁକାବିଲା କରିଥାଏ। ବାତ୍ୟା ପ୍ରଭାବିତ ଅଞ୍ଚଳରେ ନିର୍ମାଣ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକରେ ଗୋଷ୍ଠୀସ୍ତରରେ ବିପର୍ଯ୍ୟୟ ମୁକାବିଲା ଜନିତ ଦାୟିତ୍ୱବୋଧତାକୁ ଉତ୍ସାହିତ କରିବା ଏକ ମୁଖ୍ୟ/ପ୍ରମୁଖ ଉପାଦାନ ଅଟେ।

ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳର ୧୦ କି.ମି. ପରିଧି ମଧ୍ୟରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ଏହି ଆଶ୍ରୟସ୍ଥଳୀଗୁଡ଼ିକର ଗଠନ ପ୍ରଣାଳୀ ଏପରି ଭାବରେ ହୋଇଅଛି ଯେ ଯଦ୍ୱାରା ସାମୁଦ୍ରିକ

ଜଳବାୟୁ ଦ୍ୱାରା ପ୍ରଭାବିତ ହୋଇନଥାଏ। ସେହିପରି ବନ୍ୟା ପ୍ରବଣ ଅଞ୍ଚଳରେ ବନ୍ୟା ଆଶ୍ରୟସ୍ଥଳୀ ମଧ୍ୟ ବନ୍ୟାର ପ୍ରଖର ସ୍ରୋତ ଦ୍ୱାରା ପ୍ରଭାବିତ /କ୍ଷୟକ୍ଷତି ହୋଇନଥାଏ। ନିରାପଦ ଭିତ୍ତିଭୂମିକୁ ବିଚାର କରାଗଲେ ଏହା ବିପର୍ଯ୍ୟୟ ପ୍ରତିରୋଧକ ଶୈଳୀକୁ ଅନୁକରଣ କରାଯିବା ସହ ନିର୍ମାଣ ପାଇଁ ବ୍ୟବହାର ହୋଇଥିବା ସାମଗ୍ରୀ ଓ ଏହାର ଉତ୍ତମ ଗୁଣାତ୍ମକତାକୁ "ପ୍ରାମାଣିକ ଯାଞ୍ଚ" ମାଧ୍ୟମରେ କରାଯାଇଛି, ଯାହାକି କୌଣସି ବିପଦପୂର୍ଣ୍ଣ/ ବିପ୍ଲାବକୁ ସହଜରେ ପ୍ରତିରୋଧ କରିପାରିବ।

କିନ୍ତୁ ଆଶ୍ରୟସ୍ଥଳୀର ଭିତ୍ତିଭୂମି ନିରାପଦ ଥିଲେ ମଧ୍ୟ ଏହାର ସ୍ଥାୟିତ୍ୱ ସୁନିଶ୍ଚିତ ହେବା କହିପାରିବା ନାହିଁ। ନିର୍ମାଣ ହୋଇଥିବା ଆଶ୍ରୟସ୍ଥଳୀର ସ୍ଥିରତା ଓ ସ୍ଥାୟୀତ୍ୱ ପାଇଁ ଏକ ସୁଚିନ୍ତିତ ସୁବ୍ୟବସ୍ଥିତ ଗୋଷ୍ଠୀସ୍ତରୀୟ ପରିଚାଳନା ଓ ରକ୍ଷଣାବେକ୍ଷଣ ମୁଖ୍ୟ ମୌଳିକ ଆଧାର ଭାବେ କାମ କରିଥାଏ।

## ଆଶ୍ରୟସ୍ଥଳୀ ସମ୍ବନ୍ଧୀୟ ସାମାଜିକ ଦାୟୀତ୍ୱବୋଧତାକୁ ନେଇ ଗୋଷ୍ଠୀସ୍ତରରେ ପାରସ୍ପରିକ ଭାବ ଆଦାନ ପ୍ରଦାନ

ବାତ୍ୟା ବନ୍ୟା ପ୍ରଭାବ ଅଞ୍ଚଳରେ ଆଶ୍ରୟସ୍ଥଳୀ ନିର୍ମାଣ ହେବାକୁ ଥିବା ବିପଦସଂକୁଳ ଗୋଷ୍ଠୀର ସମୂହ ଜନସାଧାରଣଙ୍କ ସହିତ ଆଶ୍ରୟସ୍ଥଳୀର ଭିତ୍ତିଭୂମି ଆବଶ୍ୟକତା ଓ ଦାୟୀତ୍ୱବୋଧତା ସଂକ୍ରାନ୍ତରେ ବିଚାରବିମର୍ଶ କରିବାରର ଆବଶ୍ୟକତାକୁ ଉପଲବ୍ଧି କରାଯାଇ 'ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ' ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଗୋଷ୍ଠୀସ୍ତରରେ ପ୍ରସ୍ତାବିତ ବିଷୟବସ୍ତୁ ଉପରେ ସବିଶେଷ ଆଲୋଚନା କରାଯାଇଥାଏ। ଯାହାଫଳରେ ଗୋଷ୍ଠୀସ୍ତରରେ ପ୍ରସ୍ତାବିତ ଆଶ୍ରୟସ୍ଥଳୀର ନିରୂପଣ, ବିପର୍ଯ୍ୟୟ ସମୟରେ ଆଶ୍ରୟସ୍ଥଳୀର ଆବଶ୍ୟକତା, ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ ଗୋଷ୍ଠୀର



*ବିପର୍ଯ୍ୟୟରେ ମୃତ୍ୟୁ ନହେବା ଆମର ଲକ୍ଷ୍ୟ ଅଟେ।*

ସହଯୋଗ, ଆଶ୍ରୟସ୍ଥଳୀର ନିର୍ମାଣ ପରେ ଏହାର ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ ଗୋଷ୍ଠୀର ସାମୂହିକ ଉତ୍ତରଦାୟୀତ୍ୱ ରହିଥିବା ବେଳେ ସାମାଜିକ ସ୍ତରରେ ଆଶ୍ରୟସ୍ଥଳୀଟି ଗୋଷ୍ଠୀର ସମ୍ପତ୍ତି ବୋଲି ବିବେଚନା କରାଯାଏ। ଏଥିପ୍ରତି ଏହାର ଦୈନନ୍ଦିନ ବ୍ୟବହାର ଓ ଏହାର ଲକ୍ଷ୍ୟ ଆଭିମୁଖ୍ୟକୁ ଗୋଷ୍ଠୀସ୍ତରରେ ସାକାର କରିବା ନିମନ୍ତେ ଗୋଷ୍ଠୀସ୍ତରୀୟ ଆଶ୍ରୟସ୍ଥଳୀର ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିର ଆବଶ୍ୟକତାକୁ ହୃଦୟଙ୍ଗମ କରି ସମିତି ଗଠନରେ ସହଯୋଗ କରିବା ପାଇଁ ସରକାରଙ୍କ ପ୍ରସ୍ତାବକୁ ସ୍ୱେଚ୍ଛାକୃତ ଭାବେ ସହଯୋଗ କରିବାର ସିଦ୍ଧାନ୍ତ ନେବା ସହ ପ୍ରସ୍ତାବିତ ଆଶ୍ରୟସ୍ଥଳୀ ନିର୍ମାଣ କାର୍ଯ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟରେ ଗୋଷ୍ଠୀର ସାମାଜିକ ସମୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଥାଏ। ଆବଶ୍ୟକ ସ୍ଥଳେ ପ୍ରସ୍ତୁତ ଖସଡ଼ା ଓ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଜାଣିବା ପାଇଁ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲାପାଳ ଓ ଓଏସ୍‌ଡିଏମ୍‌ଏ ସହିତ ଯୋଗାଯୋଗ କରିଥାନ୍ତି।

**ଆନୁଷ୍ଠାନିକଭାବେ ଆଶ୍ରୟସ୍ଥଳୀର ରକ୍ଷଣାବେକ୍ଷଣକୁ ସୁଦୃଢ଼ୀକରଣ କରିବା ନିମନ୍ତେ ପଦକ୍ଷେପ-**

❖ ଆଶ୍ରୟସ୍ଥଳୀକୁ ସଦାସର୍ବଦା କାର୍ଯ୍ୟକ୍ଷମ ରଖିବା ନିମନ୍ତେ ଗୋଷ୍ଠୀସ୍ତରରେ ସରକାରୀ ପ୍ରତିନିଧି, ପଞ୍ଚାୟତ ପ୍ରତିନିଧି, ଆଶ୍ରୟସ୍ଥଳୀ ନିର୍ମାଣ ଗ୍ରାମ ଓ ଏହାକୁ ସଂଯୋଗ କରାଯାଇଥିବା ଗ୍ରାମର ପ୍ରତିନିଧିଙ୍କୁ ନେଇ ଗୋଷ୍ଠୀ ସ୍ତରୀୟ ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି ଗଠନ କରାଯାଇ ଏହାର ରକ୍ଷଣାବେକ୍ଷଣ ପଦ୍ଧତିକୁ ନିଶ୍ଚିତ କରାଯାଏ।

❖ ବିପର୍ଯ୍ୟୟ ମୁକାବିଲାରେ ସଂବେଦନଶୀଳ ଗୋଷ୍ଠୀ ପ୍ରଥମ ମୁକାବିଲାକାରୀ ହୋଇଥିବାରୁ ଗୋଷ୍ଠୀସ୍ଥରରେ କାର୍ଯ୍ୟନିର୍ବାହୀ ଦଳ (ଟାସ୍କଫୋର୍ସ)ର ଆବଶ୍ୟକତାକୁ ଅନୁଭବ କରି ଆଶ୍ରୟସ୍ଥଳୀ ସ୍ତରରେ ଏହା ସଂପୃକ୍ତ ସମିତିକୁ ସଦାସର୍ବଦା ସହଯୋଗ କରିବା ପାଇଁ ଟାସ୍କଫୋର୍ସ ଦଳ ଗଠନ କରାଯାଇଥାଏ।

❖ ଆଶ୍ରୟସ୍ଥଳୀ ପରିଚାଳନା ସମିତିର ସମସ୍ତ ସଭ୍ୟସଭ୍ୟା ଓ ଗୋଷ୍ଠୀସ୍ତରୀୟ ପ୍ରତିନିଧି ଓ କାର୍ଯ୍ୟନିର୍ବାହୀ ଦଳର ସମସ୍ତ ସ୍ୱେଚ୍ଛାସେବୀଙ୍କୁ ପରିଚାଳନା, ରକ୍ଷଣାବେକ୍ଷଣା, ବ୍ୟବହାର, ସନ୍ଧାନ ଓ ଉଦ୍ଧାର, ପ୍ରାଥମିକ ଚିକିତ୍ସା ଓ ଅନ୍ୟାନ୍ୟ ବିପର୍ଯ୍ୟୟ ମୁକାବିଲା ଜନିତ ତାଲିମ ଓ ପ୍ରଶିକ୍ଷଣ ଦିଆଯାଇ ଦକ୍ଷତା ବିକାଶ କରାଯାଇଥାଏ।

ଏହା ଦ୍ୱାରା ଗୋଷ୍ଠୀ ମଧ୍ୟରେ ନିଜର ରକ୍ଷଣଶୀଳ ମନୋଭାବ ସୃଷ୍ଟି ହେବା ସହ ଆଶ୍ରୟସ୍ଥଳୀ ପ୍ରତି ଦାୟୀତ୍ୱବୋଧତା ବୃଦ୍ଧି ପାଏ। ଏହାକୁ ଆଧାର କରି ପରିସରଭୁକ୍ତ ବିଭାଗ-ଓଡ଼ିଶା ରାଜ୍ୟ ବିପର୍ଯ୍ୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଣୀତ ବାଇ-ଲ କୁ ଆଶ୍ରୟସ୍ଥଳୀ ପରିଚାଳନା ସମିତି ଅନୁସରଣ କରନ୍ତି।

## ପରିଚାଳନା ସମିତିର ପ୍ରମୁଖ ବୈଶିଷ୍ଟ୍ୟ

୧. ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇ ବିପର୍ଯ୍ୟୟ ସମୟରେ ନିରାପଦ ଆଶ୍ରୟ ନେବା ସହ ଦୈନନ୍ଦିନ ବ୍ୟବହାର, ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ ଗୋଷ୍ଠୀସ୍ତରରେ ଗଠିତ ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିକୁ ହସ୍ତାନ୍ତର କରାଯାଇଛି।

୨. ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିକୁ ସରକାରୀ ସ୍ୱୀକୃତି ବା ଆଇନସମ୍ମତ ନିମନ୍ତେ ସାମାଜିକ ପଞ୍ଜିକରଣ ଧାରା ୧୮୬୦ ରେ ପଞ୍ଜିକୃତ କରାଯାଉଛି।

୩. ସାଧାରଣ ସମୟରେ ଆଶ୍ରୟସ୍ଥଳୀକୁ ବିଦ୍ୟାଳୟ ଭାବରେ ବ୍ୟବହାର କରାଯାଇଛି।

୪. ସାଧାରଣ ସମୟରେ ଆଶ୍ରୟସ୍ଥଳୀକୁ ବ୍ୟବହାର କରାଯାଇ ଆଶ୍ରୟସ୍ଥଳୀର ସ୍ୱଳ୍ପ ଆର୍ଥିକ ପାଣ୍ଠି ବୃଦ୍ଧି ନିମନ୍ତେ ସାଧାରଣ ଦିନମାନଙ୍କରେ ଆଶ୍ରୟସ୍ଥଳୀକୁ ବ୍ୟବହାର କରାଯାଇଥାଏ।

୫. ସମସ୍ତ ସଂଗୃହୀତ ପାଣ୍ଠି ନିକଟସ୍ଥ ବ୍ୟାଙ୍କ୍‌ରେ ସମିତି ନାମରେ ଖୋଲା ଯାଇଥିବା ଯୁଗ୍ମ ସଞ୍ଚୟ ଜମା ଖାତାରେ ଜମା କରାଯିବାର ବ୍ୟବସ୍ଥା ଅଛି।

୬. ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀକୁ ବିପର୍ଯ୍ୟୟ ଓ ସାଧାରଣ ସମୟରେ ସନ୍ଧାନ ଓ ଉଦ୍ଧାର, ପ୍ରାଥମିକ ଚିକିତ୍ସା ଓ ଆଶ୍ରୟସ୍ଥଳୀ ସ୍ତରରେ ବ୍ୟବହାର ପାଇଁ ଆବଶ୍ୟକୀୟ ଉପକରଣ/ ସରଞ୍ଜାମ ଯୋଗାଇ ଦିଆଯାଇଛି।

୭. ଆଶ୍ରୟସ୍ଥଳୀସ୍ତରରେ ସନ୍ଧାନ ଓ ଉଦ୍ଧାରକାରୀ ଦଳ ଏବଂ ପ୍ରାଥମିକ ଚିକିତ୍ସାକାରୀ ଦଳଙ୍କୁ କାର୍ଯ୍ୟନିର୍ବାହୀ ଦଳ (ଟାସ୍କଫୋର୍ସ) ଭାବେ ଦାୟିତ୍ୱ ଦିଆଯାଇଛି।

୮. ଆଶ୍ରୟସ୍ଥଳୀ ସମିତିର ସମସ୍ତ ସଭ୍ୟ/ସଭ୍ୟା ଓ କାର୍ଯ୍ୟନିର୍ବାହୀ ଦଳ (ଟାସ୍କଫୋର୍ସ) ସ୍ୱେଚ୍ଛାସେବୀମାନଙ୍କୁ ଗୋଷ୍ଠୀସ୍ତରରେ ବିପର୍ଯ୍ୟୟର ମୁକାବିଲା ଓ ପରିଚାଳନା ସଂପର୍କିତ ଉନ୍ନତ ମାନର ଜ୍ଞାନକୌଶଳ ତାଲିମ୍ ଦିଆଯାଇଛି।

## ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି ଗଠନ ସମ୍ବନ୍ଧରେ

ନିର୍ମାଣ ହୋଇଥିବା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ସମୟରେ ସମ୍ବେଦନଶୀଳ ଗୋଷ୍ଠୀର ଜନସାଧାରଣ ନିରାପଦ ଭାବେ ଆଶ୍ରୟ ନେବା, ଆଶ୍ରୟସ୍ଥଳୀର ଦୈନନ୍ଦିନ ବ୍ୟବହାର, ପରିଚାଳନା ଓ ରକ୍ଷଣାବେକ୍ଷଣ କରିବା ନିମନ୍ତେ ସଂପୃକ୍ତ ଗୋଷ୍ଠୀର ଦାୟୀତ୍ୱ ରହିଥିବାରୁ ଓଏସ୍‌ଡିଏମ୍‌ଏ ଦ୍ୱାରା ଦ୍ୱାରା ନିର୍ଦ୍ଦେଶିତ ହୋଇ ସଂପୃକ୍ତ ଗ୍ରାମ




ପଞ୍ଚାୟତର ସରପଞ୍ଚ ପଲ୍ଲୀସଭା/ସ୍ୱତନ୍ତ୍ର ସାଧାରଣ ବୈଠକ ଆହ୍ୱାନ କରିଥାନ୍ତି । ନିର୍ଦ୍ଧାରିତ ଦିନ ସଂପୃକ୍ତ ସରପଞ୍ଚଙ୍କ ଉପସ୍ଥିତିରେ ସଂପୃକ୍ତ ୱାର୍ଡ଼ର ସଭ୍ୟ/ସଭ୍ୟାଙ୍କ ସଭାପତିତ୍ୱରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଥାଏ । ପୂର୍ବ ସୂଚନା ମୁତାବକ ସଂପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କିମ୍ୱା ତାଙ୍କ ପ୍ରତିନିଧି, ବ୍ଲକ୍ ଜେଇ ଏବଂ ସ୍ଥାନୀୟ ସରକାରୀ ପ୍ରତିନିଧି ଭାବେ ସଂପୃକ୍ତ ରାଜସ୍ୱ ନିରୀକ୍ଷକ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ପ୍ରଧାନ ଶିକ୍ଷକ/ଅଧ୍ୟକ୍ଷ (ସଂପୃକ୍ତ ସ୍କୁଲ କିମ୍ୱା କଲେଜ୍) ମହିଳା ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ରହିବା ସହ ସେହି ଗୋଷ୍ଠୀର ଅନୁସୂଚୀତ ଜାତି/ଜନଜାତି ପ୍ରତିନିଧି, ଦିବ୍ୟାଙ୍ଗ ପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା ପ୍ରତିନିଧି, ସଂପୃକ୍ତ ଗୋଷ୍ଠୀ ସହିତ ବିପର୍ଯ୍ୟୟ ମୁକାବିଲା କାର୍ଯ୍ୟକ୍ରମରେ ସାମିଲ ଥିବା ଯୁବକ ସଂଘ ବା ବେସରକାରୀ ଅନୁଷ୍ଠାନ ଉପସ୍ଥିତ ରହିବା ସହ ସଂପୃକ୍ତ ଗ୍ରାମ ଓ ସଂଯୋଗ ଗ୍ରାମର ଜନସାଧାରଣ ଉକ୍ତ ବୈଠକରେ ଉପସ୍ଥିତ ରହି ପରିଚାଳନା ସମିତି ଗଠନ ସମ୍ବନ୍ଧରେ ଆଲୋଚନାରେ ଭାଗ ନେଇଥାନ୍ତି ।

ଓଏସ୍‌ଡିଏମ୍‌ଏ ଦ୍ୱାରା ନିୟୋଜିତ ହୋଇଥିବା କମ୍ୟୁନିଟି ମୋବିଲାଇଜର, ସଂପୃକ୍ତ ବ୍ଲକ୍‌ର ନୋଡାଲ୍ ଏନ୍‌ଜିଓ ଓ ଓଏସ୍‌ଡିଏମ୍‌ର ରାଜ୍ୟ ପ୍ରତିନିଧି ଉପସ୍ଥିତ ରହି ପରିଚାଳନା ସମିତିର ଲକ୍ଷ୍ୟ, ଆଭିମୁଖ୍ୟ ଓ ଗଠନର

ଆବଶ୍ୟକତା ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇଥାନ୍ତି । ସମସ୍ତ ଆଲୋଚନା ଓ ବିଚାରବିମର୍ଶ ପରେ ଗଠନ ହେବାକୁ ଥିବା "ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣା ସମିତି"ରେ ସଂପୃକ୍ତ ଥିବା ସରକାରୀ ପ୍ରତିନିଧିମାନଙ୍କର ଆବଶ୍ୟକତାକୁ ସର୍ବସାଧାରଣରେ ଅବଗତ କରାଯିବା ସହ ସଂପୃକ୍ତ ଗୋଷ୍ଠୀର ଚିହ୍ନଟ ପ୍ରତିନିଧିଙ୍କର ସଂପୃକ୍ତି ବିଷୟରେ ଆଲୋକପାତ କରାଯାଇଥାଏ । ଏବଂ ଗୋଷ୍ଠୀସ୍ତରରୁ ସମିତିର ସଭ୍ୟ/ସଭ୍ୟା ଭାବେ ପ୍ରତିନିଧିତ୍ୱ କରିବା ପାଇଁ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ଆହ୍ୱାନ କରାଯାଇଥାଏ । ଯାହା ଫଳରେ ସମସ୍ତଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ରସ୍ତାବିତ ସଭ୍ୟ/ସଭ୍ୟାଙ୍କୁ ସଂପୃକ୍ତ ସମିତିରେ ସାମିଲ କରାଯାଇଥାଏ । ସେହିପରି ଉକ୍ତ ସମିତିକୁ ସୁଦୃଢ଼ୀକରଣ ଓ କାର୍ଯ୍ୟାଭିମୁଖୀ କରିବା ନିମନ୍ତେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଣୟନ ହୋଇଥିବା ନିୟମାବଳୀକୁ ଆଧାର କରି ୨୦-୨୫ ସଭ୍ୟସଭ୍ୟାଙ୍କୁ ନେଇ ଆଶ୍ରୟସ୍ଥଳୀର ଲକ୍ଷ୍ୟ ଓ ଆଭିମୁଖ୍ୟକୁ ସାକାର କରିବା ନିମନ୍ତେ ଗୋଷ୍ଠୀସ୍ତରୀୟ ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି ଗଠନ କରାଯାଇଥାଏ । ଏଥିରେ ନିମ୍ନୋକ୍ତ ସଦସ୍ୟ/ସଦସ୍ୟା ମାନଙ୍କୁ ନିଆଗଲା ।

| କ୍ର.ସଂ. | ସରକାରୀ ପ୍ରତିନିଧି | ପଦବୀ |
|---|---|---|
| ୧. | ସଂପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ | ସଭାପତି |
| ୨. | ସଂପୃକ୍ତ ବ୍ଲକର ଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀ | ସଭ୍ୟ |
| ୩. | ସ୍ଥାନୀୟ ରେଭିନ୍ୟୁ ଇନସ୍‌ପେକ୍ଟର | ସଭ୍ୟ |
| ୪. | ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ | ଉପସଭାପତି |
| ୫. | ସଂପୃକ୍ତ ସ୍କୁଲର ପ୍ରଧାନଶିକ୍ଷକ/ମହାବିଦ୍ୟାଳୟ ଅଧକ୍ଷ | ସଭ୍ୟ |
| ୬. | ସଂପୃକ୍ତ ANM | ସଭ୍ୟା |
| ୭. | ସଂପୃକ୍ତ ଅଙ୍ଗନୱାଡି କର୍ମୀ | ସଭ୍ୟା |
| ୮. | ଆଶା କର୍ମୀ | ସଭ୍ୟା |
| | **ପଞ୍ଚାୟତିରାଜ ପ୍ରତିନିଧି** | |
| ୯. | ସଂପୃକ୍ତ Ward Member (ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ଗ୍ରାମ) | ସଭ୍ୟ/ସଭ୍ୟା |
| ୧୦. | ସଂପୃକ୍ତ Ward Member (ସାହି/ସଂଯୋଗ ଗ୍ରାମ) (୧ରୁ୩) | ସଭ୍ୟ/ସଭ୍ୟା |

| | ଗୋଷ୍ଠୀସ୍ତରୀୟ ପ୍ରତିନିଧି | |
|---|---|---|
| ୧୧. | ଗୋଷ୍ଠୀସ୍ତରୀୟ ପ୍ରତିନିଧି | ସଂପାଦକ |
| ୧୨. | ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରତିନିଧି | ସଭ୍ୟ |
| ୧୩. | ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍.ଏଚ୍.ଜି) | ସଭ୍ୟା |
| ୧୪. | ମହିଳା ପ୍ରତିନିଧି | ସଭ୍ୟା |
| ୧୫. | SC & ST ପ୍ରତିନିଧି | ସଭ୍ୟ/ସଭ୍ୟା |
| ୧୬. | ଗୋଷ୍ଠୀସ୍ତରୀୟ ପ୍ରତିନିଧି (୪ରୁ୬) | ସଭ୍ୟ/ସଭ୍ୟା |
| ୧୭. | ଭିନ୍ନକ୍ଷମ ପ୍ରତିନିଧି | ସଭ୍ୟ/ସଭ୍ୟା |

ଗଠନ ହୋଇଥିବା ପରିଚାଳନା ସମିତିରେ ସଂପୃକ୍ତ ସରପଞ୍ଚଙ୍କୁ ସଭାପତି ଦାୟୀତ୍ୱ ଦିଆଯିବା ସହ ସଂପୃକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଉପ ସଭାପତି, ଗୋଷ୍ଠୀର ଜଣେ ପ୍ରତିନିଧିଙ୍କୁ ସମ୍ପାଦକ ପଦବୀରେ ରଖାଯିବା ସହ ଅନୁସୂଚିତ ଜାତି/ଜନଜାତି, ମହିଳା ପ୍ରତିନିଧି, ଭିନ୍ନକ୍ଷମ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଓ୍ୱାର୍ଡ଼ ସଭ୍ୟ/ସଭ୍ୟା, ପ୍ରଧାନ ଶିକ୍ଷକ/ଅଧକ୍ଷ, ଅଙ୍ଗନ୍‌ୱାଡ଼ି କର୍ମୀ, ଆଶାକର୍ମୀ, ଆଶ୍ରୟସ୍ଥଳୀ ନିର୍ମାଣ ଗ୍ରାମ ଓ ସଂଯୋଗ ଗ୍ରାମ ପ୍ରତିନିଧିଙ୍କୁ ନେଇ ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି ଗଠନ କରାଯାଇ ଆଶ୍ରୟସ୍ଥଳୀର ଲକ୍ଷ୍ୟ ଓ ଆଭିମୁଖ୍ୟକୁ କାର୍ଯ୍ୟକାରୀ କରିବା ନିମନ୍ତେ ସର୍ବସାଧାରଣଙ୍କ ଉପସ୍ଥିତିରେ ପ୍ରାଞ୍ଜଳ ଭାବରେ ଅବଗତ କରାଯାଇଥାଏ ଏବଂ ଗୋଷ୍ଠୀ ବା ଗ୍ରାମରେ ବସବାସ କରୁଥିବା ସବୁ ବର୍ଗର ଲୋକମାନଙ୍କୁ ସମିତିରେ ପ୍ରାଧାନ୍ୟ ଦିଆଯାଇଛି ।

- ☛ ଗୋଷ୍ଠୀସ୍ତରରେ ବସବାସ କରୁଥିବା ଭିନ୍ନକ୍ଷମ ବା ଦିବ୍ୟାଙ୍ଗ ବ୍ୟକ୍ତିଙ୍କର ବିପର୍ଯ୍ୟୟ ସମୟରେ ଆଶ୍ରୟସ୍ଥଳୀରେ ସେମାନଙ୍କ ପାଇଁ ଉପଲବ୍ଧ ଥିବା ସୁବିଧାକୁ ଉପଯୋଗୀ କରାଇବା ଓ ସେମାନଙ୍କର ମତାମତକୁ ସମିତିରେ ପ୍ରାଥମିକତା ଦେବା ପାଇଁ ଗଠନ ହୋଇଥିବା ସମିତିରେ ଜଣେ ଭିନ୍ନକ୍ଷମ ପ୍ରତିନିଧିଙ୍କୁ ସଦସ୍ୟ/ସଦସ୍ୟା ଭାବେ ସାମିଲ କରାଯାଇଛି ।
- ☛ ଆଶ୍ରୟସ୍ଥଳୀ ସ୍ତରରେ ବସବାସ କରୁଥିବା ତଫସିଲଭୁକ୍ତ ଜାତି ଓ ଜନଜାତି ବର୍ଗଙ୍କୁ ବିପର୍ଯ୍ୟୟ ସମୟରେ ଆଶ୍ରୟସ୍ଥଳୀରେ ନିରାପଦ ଭାବେ ଆଶ୍ରୟ ନେବା ଏବଂ ସାମାଜିକ ସ୍ତରରେ ସମସ୍ତ ଜୀବନକୁ ସୁରକ୍ଷିତ ରଖିବା ପାଇଁ ଏବଂ ଆଶ୍ରୟସ୍ଥଳୀ ବ୍ୟବହାର ଜନିତ ଗଠନ ମୂଳକ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ସେହି ବର୍ଗର ପ୍ରତିନିଧିଙ୍କୁ ସମିତିରେ ସାମିଲ କରାଯାଇଛି ।

***ଆଶ୍ରୟସ୍ଥଳୀ ପରିଚାଳନା ଏକ ବହୁବିଧ ପ୍ରକ୍ରିୟା । ଏହା ସବୁ ସ୍ତରର ସମନ୍ୱୟର ଅପେକ୍ଷା ରଖେ ।***

- ଆଶ୍ରୟସ୍ଥଳୀ ସମିତିକୁ ସୁଦୃଢ଼ୀକରଣ କରିବା ନିମନ୍ତେ ଯଥା- ଆଶ୍ରୟସ୍ଥଳୀକୁ ବ୍ୟବହାର ଉପଯୋଗୀ କରିବା, ରକ୍ଷଣାବେକ୍ଷଣ, ପରିଚାଳନା ଓ ଗୋଷ୍ଠୀସ୍ତରରେ ସୁସମ୍ପର୍କ ସ୍ଥାପନ କରିବା ନିମନ୍ତେ ସଂପୃକ୍ତ ପରିଚାଳନା ସମିତି ସବୁ ସ୍ତରରେ ଉତ୍ତମ ସଂଯୋଜନା ସ୍ଥାପନା କରିବା ନିମନ୍ତେ ସଦାସର୍ବଦା ଆବଶ୍ୟକତା ଥିବାରୁ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ସାମିଲ କରାଯିବା ଦ୍ୱାରା ସେମାନେ ଏହି ସମିତିର କାର୍ଯ୍ୟକ୍ରମକୁ ଆଗେଇ ନେଇପାରିବେ ।
- ସାଧାରଣତଃ ଆଶ୍ରୟସ୍ଥଳୀଗୁଡ଼ିକ ସ୍କୁଲ ପ୍ରାଙ୍ଗଣ କିମ୍ବା ନିକଟସ୍ଥ ସ୍ଥାନରେ ଏପରିକି କେତେକ ସ୍ଥାନରେ କଲେଜ ସନ୍ନିକଟରେ ନିର୍ମାଣ ହୋଇଅଛି । ଯାହାଫଳରେ ବିପର୍ଯ୍ୟୟ ନଥିବା ସମୟରେ ସ୍କୁଲ, କଲେଜର ଶ୍ରେଣୀ ଗୃହ ଭାବରେ ବ୍ୟବହାର କରାଯାଇଥାଏ । ସଂପୃକ୍ତ ଛାତ୍ରଛାତ୍ରୀମାନେ ଶ୍ରେଣୀଗୃହ ଭାବେ ବ୍ୟବହାର କରିବା, ପାଇଖାନାର ସଠିକ ବ୍ୟବହାର ଏବଂ ଗୃହରେ ବିଦ୍ୟୁତ୍ ସରଞ୍ଜାମ ଓ ଅନ୍ୟାନ୍ୟ ପ୍ରତି ଯତ୍ନବାନ ହୋଇ ବ୍ୟବହାର କରିବା, ଯାହାଦ୍ୱାରା ଆବଶ୍ୟକସ୍ଥଳେ ଆଶ୍ରୟସ୍ଥଳୀଟି ବିପର୍ଯ୍ୟ ସମୟରେ ଜନସାଧାରଣ ଆଶ୍ରୟ ନେବାରେ ଅସୁବିଧା ଉପୁଜିନଥାଏ । ଏପରିକି ଆଶ୍ରୟସ୍ଥଳୀକୁ ଅନ୍ୟ କିଛି କାର୍ଯ୍ୟକ୍ରମରେ ବ୍ୟବହାର କରିବାରେ ବାଧା ଉପୁଜିନଥାଏ । ଏହାକୁ ଆଧାର କରି ଛାତ୍ରଛାତ୍ରୀଙ୍କୁ ସଦାସର୍ବଦା ମାର୍ଗଦର୍ଶନ, ଶୃଙ୍ଖଳା, କର୍ତ୍ତବ୍ୟନିଷ୍ଠାକୁ ପାଳନ କରିବା ନିମନ୍ତେ ସ୍କୁଲ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ନୈତିକ ଦାୟିତ୍ୱ ରହିଥିବାରୁ ସଂପୃକ୍ତ ସ୍କୁଲ୍‌ର ପ୍ରଧାନ ଶିକ୍ଷକ/କଲେଜ ଅଧ୍ୟକ୍ଷଙ୍କୁ ଉକ୍ତ ସମିତିରେ ସାମିଲ କରାଯାଇଛି । ଯାହାଦ୍ୱାରା ଆଶ୍ରୟସ୍ଥଳୀର ସୁରକ୍ଷା ଓ ବହୁମୁଖୀ କାର୍ଯ୍ୟକ୍ରମରେ ବ୍ୟବହାର କରିବାରେ ସହଜ ସାଧନ ହୋଇପାରିବ ।
- ଗୋଷ୍ଠୀସ୍ତରରେ ସାମିଲ ଥିବା ସରକାରଙ୍କ ପ୍ରତିନିଧି ଭାବରେ କାର୍ଯ୍ୟକରୁଥିବା ଅଙ୍ଗନୱାଡ଼ୀ କର୍ମୀ ଓ ଆଶା କର୍ମୀକୁ ଗଠିତ ସମିତିରେ ଗୋଷ୍ଠୀସ୍ତରୀୟ କାର୍ଯ୍ୟକ୍ରମ ଓ ଅଙ୍ଗନୱାଡ଼ିରେ ଶିକ୍ଷାଦାନ ନେଉଥିବା ଛୋଟ ଶିଶୁମାନଙ୍କୁ ଆବଶ୍ୟକସ୍ଥଳେ ଆଶ୍ରୟସ୍ଥଳୀରେ ସୁରକ୍ଷିତ ଭାବେ ଶିକ୍ଷାଦାନ ଦେବା ସମୟରେ ପିଲାଙ୍କର ସୁରକ୍ଷା ଓ ବାତ୍ୟା ଆଶ୍ରୟସ୍ଥଳୀକୁ ଗମନାଗମନ ପ୍ରତି ଦୃଷ୍ଟି ଦେବା, ଯାହାଦ୍ୱାରା ପିଲାଙ୍କର କିଛି କ୍ଷତି ନ ଉପୁଜିବା ପାଇଁ ବିଶେଷ ଦୃଷ୍ଟି ଦେବା ଏକ ବଡ଼ ଦାୟିତ୍ୱ ରହିଛି ତତ୍ ସହ ଗ୍ରାମର ଗର୍ଭବତୀ ମହିଳା, ପ୍ରସୂତି ମାଆ ଓ ଛୋଟ ଶିଶୁଙ୍କ ସମ୍ପର୍କରେ ଟିକିନିକି ବିବରଣୀ ଅଙ୍ଗଡ଼ୱାଡ଼ି କର୍ମୀଙ୍କ ପାଖରେ ଥାଏ, ଯେଉଁମାନେକି ବିପଦ ସମୟରେ ଅତ୍ୟନ୍ତ ସମ୍ବେଦନଶୀଳ ଅଟନ୍ତି । ଏହାକୁ ଭିତ୍ତିକରି ଅଙ୍ଗନୱାଡ଼ି କର୍ମୀଙ୍କୁ ଏଥିରେ ସଭ୍ୟ ଭାବରେ ସାମିଲ କରିବା ସହ ଆଶା କର୍ମୀଙ୍କୁ ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ ବିଶେଷ କରି ମହିଳାମାନଙ୍କ ସହ ସଂଯୋଜନା ସ୍ଥାପନ କରି ଆଶ୍ରୟସ୍ଥଳୀ ସ୍ତରରେ ସମସ୍ତ ସାମୂହିକ କାର୍ଯ୍ୟକ୍ରମକୁ ସାକାର କରିବାରେ ସାହାଯ୍ୟ କରିପାରିବେ ।

*ବାତ୍ୟା ଆଶ୍ରୟସ୍ଥଳୀ କେବଳ ଏକ କୋଠାଘର ନୁହେଁ, ଏହା ଏକ ବହୁମୁଖୀ ସାମାଜିକ କେନ୍ଦ୍ର*

## ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିର କାର୍ଯ୍ୟନିର୍ବାହୀମାନଙ୍କ ସମ୍ବନ୍ଧେ

୧. ଗୋଷ୍ଠୀସ୍ତରରେ ସବୁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଓ ପଞ୍ଚାୟତସ୍ତରରେ କାର୍ଯ୍ୟକାରୀ ହେଉଥିବା ଅନୁଷ୍ଠାନ ଓ ତା'ର ବ୍ୟବସ୍ଥାକୁ ସଶକ୍ତିକରଣ କରିବା ପାଇଁ ସଂପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚଙ୍କୁ ଗୋଷ୍ଠୀସ୍ତରରେ ଗଠନ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିର ସଭାପତି ଭାବରେ ଅବସ୍ଥାପିତ କରାଯାଇଅଛି ।

୨. ଆଶ୍ରୟସ୍ଥଳୀ ନିର୍ମାଣ ଗ୍ରାମର ସଂପୃକ୍ତ ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଆଶ୍ରୟସ୍ଥଳୀ ଓ ସମସ୍ତ ସରକାରୀ କାର୍ଯ୍ୟାଳୟ ସହିତ ଉତ୍ତମ ସଂଯୋଜନା ସ୍ଥାପନ କରିବା ସରକାରୀ ଯୋଜନାକୁ ଆଶ୍ରୟସ୍ଥଳୀ ସ୍ତରରେ ପ୍ରଣୟନ କରିବା ନିମନ୍ତେ ଉକ୍ତ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିର ଉପ-ସଭାପତି ରହିଛନ୍ତି ।

୩. ସଂପୃକ୍ତ ପଞ୍ଚାୟତ ଦ୍ୱାରା ନିର୍ମାଣ ହୋଇଥିବା ଗ୍ରାମରେ ଆଶ୍ରୟସ୍ଥଳୀ ପରିଚାଳନା ସମିତି ଗଠନ ସମ୍ବନ୍ଧେ ଆହୁତ ହୋଇଥିବା ପଲ୍ଲୀସଭା/ ସ୍ୱତନ୍ତ୍ର ସଭାରେ ସେହି ଗୋଷ୍ଠୀର ସଭ୍ୟସଭ୍ୟା ଭାବରେ ମନୋନୀତ ହୋଇଥିବା ଜଣେ ଉତ୍ତମ ଦକ୍ଷ୍ୟ ବ୍ୟକ୍ତି, ଯିଏକି ଗୋଷ୍ଠୀସ୍ତରରେ ସମସ୍ତଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିବା ସହ ଆଶ୍ରୟସ୍ଥଳୀର ଦୈନନ୍ଦିନ କାର୍ଯ୍ୟକ୍ରମକୁ ସମ୍ପାଦନ କରିପାରିବେ ତାଙ୍କୁ ସର୍ବସମ୍ମତି କ୍ରମେ ସମ୍ପାଦକ ଭାବେ ମନୋନୀତ କରାଯାଇଥାଏ ।

**କାର୍ଯ୍ୟନିର୍ବାହୀ ସମସ୍ତ ସଦସ୍ୟ/ସଦସ୍ୟାଙ୍କ କାର୍ଯ୍ୟ ପରିସର /ଦାୟିତ୍ୱ ବାଇ-ଲ ରେ ଉଲ୍ଲେଖ ରହିଛି ।**

**ବିଶେଷ ଦ୍ରଷ୍ଟବ୍ୟ- ପୌରାଞ୍ଚଳରେ ସ୍ଥାନୀୟ ପୌରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ (Ex-Officio) ସଭାପତି ସଂପୃକ୍ତ ଆଶ୍ରୟସ୍ଥଳୀ ସମିତିରେ ରହିବା ସହ ସଂପୃକ୍ତ କାଉନ୍‌ସେଲ୍‌ର ଉପସଭାପତି ଭାବରେ ରହିଥାନ୍ତି ଓ ଅନ୍ୟାନ୍ୟ ସଭ୍ୟ/ସଭ୍ୟା ବ୍ଲକ୍ ଅଞ୍ଚଳରେ ହୋଇଥିବା ସମତି ଗଠନ ପ୍ରକ୍ରିୟାକୁ ଅନୁସରଣ କରିବେ ।**

## ଆଶ୍ରୟସ୍ଥଳୀର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲା ପରେ ଗୋଷ୍ଠୀସ୍ତରରେ ଗଠନ ହୋଇଥିବା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିକୁ ଦାୟୀତ୍ୱ ହସ୍ତାନ୍ତର

ବାତ୍ୟା ଓ ବନ୍ୟା ପ୍ରବାହିତ ଅଞ୍ଚଳରେ ବିପଦ ସଂକୁଳିତ ଗୋଷ୍ଠୀର ଜନସାଧାରଣଙ୍କ ପାଇଁ ନିର୍ମାଣ ହୋଇଥିବା ଆଶ୍ରୟସ୍ଥଳୀର କାର୍ଯ୍ୟ ସମ୍ପୂର୍ଣ୍ଣ ହେଲା ପରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଜିଲ୍ଲା ପ୍ରଶାସନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସଂପୃକ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିର ସମସ୍ତ ସଭ୍ୟ/ସଭ୍ୟାଙ୍କୁ ଦୈନନ୍ଦିନ ବ୍ୟବହାର, ରକ୍ଷଣାବେକ୍ଷଣ ଓ ପରିଚାଳନ କରିବା ନିମନ୍ତେ ଲିଖିତ ଭାବେ ଅବଗତ କରାଯାଇଥାଏ ।

ସୂଚନା ମୁତାବକ ସଂପୃକ୍ତ ସମିତିର କର୍ମକର୍ତ୍ତା ନବନିର୍ମିତ ହୋଇଥିବା ଆଶ୍ରୟସ୍ଥଳୀକୁ ଯାଇ ଗୃହକାର୍ଯ୍ୟ ତତ୍ ସଂଲଗ୍ନ ସମସ୍ତ ବ୍ୟବସ୍ଥା ଯଥା- ପୁରୁଷ ରହଣି ଗୃହ, ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଗୃହ, ଅସୁସ୍ଥ ବ୍ୟକ୍ତିଙ୍କ ପାଇଁ ଥିବା ସ୍ୱତନ୍ତ୍ର ସୁବିଧା, ପୁରୁଷ, ମହିଳା ଓ ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ପୃଥକ ପୃଥକ ପାଇଖାନା ଓ



ସ୍ନାନାଗାର, ଶିଡ଼ି ଘର ଓ ତାହାର ପାହଚ, ଭିନ୍ନକ୍ଷମ ଓ ବୟସ୍କ ବ୍ୟକ୍ତିଙ୍କ ପାଇଁ ନିର୍ମାଣ ହୋଇଥିବା ର୍ୟାମ୍ପ ସହିତ ଆଶ୍ରୟସ୍ଥଳୀରେ ଥିବା ପାଣି ଟାଙ୍କିକୁ ବୋର୍‌ୱେଲ୍ ମାଧ୍ୟମରେ ପାଣି ଯୋଗାଣ, ସମସ୍ତ ଗୃହକୁ ବିଜୁଳି ବ୍ୟବସ୍ଥା ସହ ଫ୍ୟାନ୍ ଓ ଲାଇଟ୍‌କୁ ପରଖି ନିଅନ୍ତି। ଏବଂ ତଳମହଲାରେ ବିପର୍ଯ୍ୟୟ ସମୟରେ ପାଣି ନିଷ୍କାସନ ହେବାର ଉପଲବ୍ଧି କରିବା ସହ ଗୃହପାଳିତ ପଶୁଙ୍କ ଆଶ୍ରୟ ପାଇଁ ଉଦ୍ଦିଷ୍ଟ ଥିବାକୁ ହୃଦ୍‌ବୋଧ କରନ୍ତି। ହସ୍ତାନ୍ତର ପୂର୍ବରୁ ଗୋଷ୍ଠୀସ୍ତରରେ ସମସ୍ତ କାର୍ଯ୍ୟକୁ ଦେଖି ସାରିଲା ପରେ ଆବଶ୍ୟକ ଅନୁଯାୟୀ ଛୋଟମୋଟ ଦୈନନ୍ଦିନ ବ୍ୟବହାର ଓ ବିପର୍ଯ୍ୟୟ ସମୟରେ ଉପକାରରେ ଆସିଲା ଭଳି ମତାମତକୁ ଗ୍ରହଣ କରି ସଂପୃକ୍ତ କାର୍ଯ୍ୟରେ ନିୟୋଜିତ ହୋଇଥିବା କଣ୍ଟ୍ରାକ୍ଟରଙ୍କ ସହିତ ଉକ୍ତ କାର୍ଯ୍ୟରେ ନିୟୋଜିତ ହୋଇଥିବା ଇଂଜିନିୟରଙ୍କ ସହ ଆଲୋଚନା କରାଯାଇ ଗୋଷ୍ଠୀରୁ ଆସିଥିବା ପ୍ରସ୍ତାବକୁ ନିରୀକ୍ଷଣ କରାଯାଇ ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଇ କାର୍ଯ୍ୟ କରାଯାଏ। ଏହି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲା ପରେ ଆଶ୍ରୟସ୍ଥଳୀର ସମସ୍ତ ବ୍ୟବସ୍ଥାକୁ ସଠିକ୍ ପରୀକ୍ଷାନିରୀକ୍ଷା କରଯାଇ ସଂପୃକ୍ତ ସମିତିକୁ ନିର୍ଦ୍ଦିଷ୍ଟ ହୋଇଥିବା ତାରିଖରେ ଆଶ୍ରୟସ୍ଥଳୀର ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିର କର୍ମକର୍ତ୍ତା, ଗୋଷ୍ଠୀ ସମୂହ, ସଂପୃକ୍ତ ନୋଡାଲ ଏନ୍‌ଜିଓ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିବା ଠିକାଦାର, ଯନ୍ତ୍ରୀ ଗୋଷ୍ଠୀସ୍ତରରେ ସଂଯୋଜନା ସ୍ଥାପନ କରିବା ନିମନ୍ତେ ଓଏସ୍‌ଡିଏମ୍‌ଏ ଦ୍ୱାରା ନିୟୋଜିତ ହୋଇଥିବା କମ୍ୟୁନିଟି ମୋବିଲାଇଜର, ବ୍ଲକ, ଜିଲ୍ଲା ପ୍ରଶାସନ ଅଧିକାରୀ ଓ ଓଏସ୍‌ଡିଏମ୍‌ଏର ପ୍ରତିନିଧିଙ୍କ ଉପସ୍ଥିତିରେ ସମ୍ପୂର୍ଣ୍ଣ ହୋଇଥିବା ଆଶ୍ରୟସ୍ଥଳୀକୁ ଦୈନନ୍ଦିନ ବ୍ୟବହାର, ରକ୍ଷଣାବେକ୍ଷଣ ଓ ପରିଚାଳନା କରିବା ନିମନ୍ତେ ସଂପୃକ୍ତ ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିକୁ ହସ୍ତାନ୍ତର କରାଯାଇଥାଏ। ସମିତିର ସମସ୍ତ ସଭ୍ୟ/ସଭ୍ୟା ଆଶ୍ରୟସ୍ଥଳୀକୁ ସୁପରିଚାଳନା କରିବା ସହ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ବିପର୍ଯ୍ୟୟ ସମୟରେ ନିରାପଦ ଭାବେ ଆଶ୍ରୟ ନେବାରେ ସହଯୋଗ କରିବା ନିମନ୍ତେ ଶପଥପାଠ କରିଥାନ୍ତି।

*ବିପର୍ଯ୍ୟୟ ମୁକାବିଲା ପାଇଁ ଗୋଷ୍ଠୀର କୌଶଳ ବୃଦ୍ଧି ଆମର ମୁଖ୍ୟ ଲକ୍ଷ୍ୟ ଅଟେ।*

## ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି (CSMMC) / ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି (FSMMC)ର ପ୍ରଥମ ବୈଠକ



ଆଶ୍ରୟସ୍ଥଳୀ ସ୍ତରୀୟ ସମିତି ଗଠନ ହେବା ପରେ ଉପଯୁକ୍ତ ତାରିଖ ଓ ସମୟ ସ୍ଥିର କରାଯାଇ ସ୍ଥାନୀୟ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ଆଶ୍ରୟସ୍ଥଳୀର ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିର ବୈଠକ ଅନୁଷ୍ଠିତ ହୋଇଥାଏ। ଉକ୍ତ ବୈଠକରେ ନିମ୍ନପ୍ରଦତ୍ତ ବିଷୟମାନ ଆଲୋଚନା କରାଯାଇଥାଏ।

୧. ଉକ୍ତ ବୈଠକରେଉପନିୟମ (ବାଇ-ଲ) କୁ ପଢାଯାଇ ବିସ୍ତୃତ ଆଲୋଚନା କରାଯାଏ ଏବଂ ଶାସନ ନୀତି ଅନୁସାରେ ସମିତି ଏହାକୁ ଗ୍ରହଣ କରିଥାଏ।

୨. ଆଶ୍ରୟସ୍ଥଳୀର ଠିକଣା ଯଥା ନାମ, ସ୍ଥାନ ଓ ସ୍ଥାୟୀ ଠିକଣା ଇତ୍ୟାଦିର ଯୋଗାଯୋଗ ପାଇଁ ନିଷ୍ପତ୍ତି ନିଆଯାଏ। ସାମାଜିକତା ଭିତ୍ତିରେ ସମିତିର ସଂପାଦକ ଗୋଷ୍ଠୀର ପ୍ରତିନିଧି ଭାବରେ କାର୍ଯ୍ୟ କରିଥାନ୍ତି।

୩. ଯେକୌଣସି ବିପର୍ଯ୍ୟୟ ସମୟରେ ସ୍ଥାନୀୟ ଗୋଷ୍ଠୀ ପ୍ରଥମ ମୁକାବିଲାକାରୀ ହୋଇଥିବାରୁ, ସେହି ଗୋଷ୍ଠୀରେ ବସବାସ କରୁଥିବା ଅଧିବାସୀମାନଙ୍କ ମୁକାବିଲାଜନିତ ଦକ୍ଷତା ବୃଦ୍ଧି କରାଯିବା ନିତ୍ୟାନ୍ତ ଆବଶ୍ୟକ ଥିବାରୁ ନିର୍ମିତ ହୋଇଥିବା ଆଶ୍ରୟସ୍ଥଳୀ ସ୍ତରରେ ସେହି ଗ୍ରାମ ଓ ସଂଯୋଗ ଗ୍ରାମର ୧୮-୩୫ ବର୍ଷ ବୟସ ମଧ୍ୟରେ ୫୦ ଜଣ ଆଗ୍ରହୀ ଯୁବକ ଯୁବତୀଙ୍କୁ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟନିର୍ବାହୀ ଦଳ (୨୫ ଜଣ ସନ୍ଧାନ ଓ ଉଦ୍ଧାର ଓ ଅନ୍ୟ ୨୫ ଜଣ ପ୍ରାଥମିକ ଚିକିତ୍ସା)ସଦସ୍ୟ ଭାବେ ମନୋନୀତ କରିବାକୁ ସିଦ୍ଧାନ୍ତ ନିଆଯାଏ।

୪. ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ସମିତି ବୈଠକର ସଂପୂର୍ଣ୍ଣ କାର୍ଯ୍ୟ ବିବରଣୀ ରିଜୋଲୁସନ ବୁକ୍ (ନିର୍ଦ୍ଧାରିତ ଖାତା)ରେ ଉଲ୍ଲେଖ ରହିଥାଏ। ବୈଠକରେ ନିଆଯାଇଥିବା ନିଷ୍ପତ୍ତିର ବିବରଣୀ ଓ ରିଜୋଲୁସନ ବହିରେ ଉଲ୍ଲେଖ ରହିବ ଏବଂ ଏହାର ଏକ କିତା ନକଲ ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ), ଜିଲ୍ଲାପାଳ ଏବଂ ଓଏସ୍‌ଡିଏମ୍‌ଏକୁ ପ୍ରେରଣ କରାଯାଏ।

## ଆଶ୍ରୟସ୍ଥଳୀର ମୁଖ୍ୟ ଲକ୍ଷ୍ୟ ଓ ଆଭିମୁଖ୍ୟକୁ ରୂପାୟନ କରିବାରେ "ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି" ର ଭୂମିକା

ସାଧାରଣତଃ ବାତ୍ୟା/ବନ୍ୟା ଭଳି ବିପର୍ଯ୍ୟୟ ସମୟରେ ବିପଦସଂକୁଳ ଜନସାଧାରଣଙ୍କୁ ନିରାପଦ ଆଶ୍ରୟ ଦେବା ଆଶ୍ରୟସ୍ଥଳୀର ମୁଖ୍ୟ ଲକ୍ଷ୍ୟ/ପ୍ରାଥମିକତା ଅଟେ। ପ୍ରାୟତଃ ଆଶ୍ରୟସ୍ଥଳୀଗୁଡିକ ବିଦ୍ୟାଳୟ ପରିସର ମଧ୍ୟରେ ନିର୍ମାଣ କରାଯାଇ ଥିବାରୁ ସାଧାରଣ ସମୟରେ ଏହାକୁ ଶ୍ରେଣୀଗୃହ ଭାବରେ ବ୍ୟବହାର କରାଯିବ।

ଗ୍ରାମର ବିଭିନ୍ନ ପ୍ରକାର ସାମାଜିକ-ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ କରାଯାଏ। ଏହାକୁ ସମିତି ସୁପରିଚାଳନା କରିବାରେ ପ୍ରମୁଖ ଭୂମିକା ନିର୍ବାହ କରେ।

ଇତିମଧ୍ୟରେ, ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣା ସମିତି ସାଧାରଣ ସମୟରେ ଉକ୍ତ ଆଶ୍ରୟସ୍ଥଳୀକୁ ଆର୍ଥିକ ପାଣ୍ଠି ବୃଦ୍ଧି ନିମନ୍ତେ ବ୍ୟବହାରିକ ପ୍ରାପ୍ୟ ସଂଗ୍ରହ କରିପାରିବେ। ଆଦାୟ ହେଉଥିବା ପାଣ୍ଠିକୁ ଯୁଗ୍ମ ଦସ୍ତଖତରେ ଖୋଲାଯାଇଥିବା ବ୍ୟାଙ୍କରେ ଜମା କରାଯାଇ ଆଶ୍ରୟସ୍ଥଳୀର ଦୈନନ୍ଦିନ ରକ୍ଷଣାବେକ୍ଷଣ ନିମନ୍ତେ ବ୍ୟବହାର କରାଯାଏ। ଯାହାବି ହେଉ, ଆଶ୍ରୟସ୍ଥଳୀରେ କୌଣସି ଅସାମାଜିକ, ଅନୈତିକ, ଅସ୍ୱାସ୍ଥ୍ୟକର ଓ ସମାଜରେ ବିଭେଦ ସୃଷ୍ଟି କରୁଥିବା ଭଳି କାର୍ଯ୍ୟକଳାପକୁ ପ୍ରଶୟ ଦିଆଯିବ ନାହିଁ। ସେହିଭଳି ଆଶ୍ରୟସ୍ଥଳୀକୁ ଦୀର୍ଘମିଆଦୀ ଭଡା ସୂତ୍ରରେ ଦିଆଯାଇ ପାରିବ ନାହିଁ। ସରକାର ବିପଦସଂକୁଳ ଜନସାଧାରଣଙ୍କ ପାଇଁ ନିର୍ମାଣ କରିଥିବା ଆଶ୍ରୟସ୍ଥଳୀ ଯଦି ଆର୍ଥିକ ପାଣ୍ଠି ବୃଦ୍ଧି ନିମନ୍ତେ ବ୍ୟବହାର ହେଉଥାଏ କିନ୍ତୁ ବିପର୍ଯ୍ୟୟର ସତର୍କ ସୂଚନା ପାଇଲା ମାତ୍ରେ ନିଆଯାଇଥିବା ନିଷ୍ପତ୍ତି ଆପେ ଆପେ ନାକଚ ହେବା ସହ ଜନସାଧାରଣଙ୍କ ନିରାପଦ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଇଥାଏ ଏବଂ ଆଶ୍ରୟସ୍ଥଳୀକୁ ଜରୁରୀକାଳୀନ ଭିତ୍ତିରେ ଖାଲି କରିବା ସହ ସଫାସୁତରା ମଧ୍ୟ କରାଯାଇଥାଏ।



ଆସନ୍ତୁ ! ଅନ୍ୟମାନଙ୍କର ବହୁମୂଲ୍ୟ ଜୀବନ ବଞ୍ଚାଇବା ପାଇଁ ଆମର ଯୌବନକୁ ବ୍ୟବହାର କରିବା ।

## ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିର କାର୍ଯ୍ୟାବଳୀ

- ଆଶ୍ରୟସ୍ଥଳୀର ଦୈନନ୍ଦିନ ରକ୍ଷଣାବେକ୍ଷଣ
- ଆଶ୍ରୟସ୍ଥଳୀର ନୀତି ନିୟମ ଅନୁଯାୟୀ ପ୍ରସ୍ତାବ ଗ୍ରହଣ ଓ ନିଷ୍ପତ୍ତି
- ବିଭିନ୍ନ ପ୍ରକାର ବ୍ୟବହାର ପାଇଁ ପ୍ରାପ୍ୟ ବାବଦରେ ସିଦ୍ଧାନ୍ତ
- ବ୍ୟବହାର କରିବାର ସମୟ ସୀମା ପାଇଁ ଅନୁମତି ପ୍ରଦାନ
- ଦାୟତ୍ୱସଂପନ୍ନ ଭାବେ ଆଶ୍ରୟସ୍ଥଳୀ ବ୍ୟବହାରକୁ ତଦାରଖ କରିବା
- ଯଦି ଆଶ୍ରୟସ୍ଥଳୀ ଅପବ୍ୟବହାର ହୋଇଥାଏ ସେ ବାବଦକୁ ଉପଚାରାତ୍ମକ/ଦଣ୍ଡ ପାଇଁ କାର୍ଯ୍ୟାନୁଷ୍ଠାନ

### ଦାୟିତ୍ୱବୋଧତା

ମୁଖ୍ୟ ଚାରିଗୋଟି ଦାୟିତ୍ୱବୋଧ କାର୍ଯ୍ୟକଳାପ ଉପରେ ସମିତି ଦୃଷ୍ଟି ଦେଇଥାଏ-

- ସାଧାରଣ ସମୟରେ ଆଶ୍ରୟସ୍ଥଳୀର ବ୍ୟବହାର
- ଆଶ୍ରୟସ୍ଥଳୀର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଣ୍ଠି
- ଆଶ୍ରୟସ୍ଥଳୀ ସ୍ତରୀୟ ଉପକରଣ ଏବଂ ଏହାର ରକ୍ଷଣାବେକ୍ଷଣ ଓ ବ୍ୟବହାର
- ବିପର୍ଯ୍ୟୟ ସମୟରେ ଗୋଷ୍ଠୀସ୍ତରରେ ପ୍ରସ୍ତୁତି ଓ ପରିଚାଳନା

## ପଞ୍ଜୀକରଣ /ରେଜିଷ୍ଟ୍ରେସନ

ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି (ସିଏସ୍ଏମ୍ଏମ୍ସି) / ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି (ଏଫ୍ଏସ୍ଏମ୍ଏମ୍ସ) ସାମାଜିକ ପଞ୍ଜିକରଣ ଅଧିନିୟମ ଧାରା ୧୮୬୦ ଅନୁସାରେ ପଞ୍ଜିକୃତ କରାଯାଉଛି । ଏହି ପରିଚାଳନା ସମିତିର କାର୍ଯ୍ୟ ଓ ନାମକରଣ କରିବା ପାଇଁ ଏକ ନିୟମାବଳୀ ଓ.ଏସ୍.ଡି.ଏମ୍.ଏ. ଦ୍ୱାରା ପ୍ରଣୀତ ହୋଇଅଛି । ସେହି ଅନୁସାରେ ସଂପୃକ୍ତ ସମିତି କାର୍ଯ୍ୟକାରୀ କରିବା ନିମନ୍ତେ ସ୍ଥିର କରାଯାଇଛି । ପ୍ରତ୍ୟେକ ୩ ବର୍ଷରେ ଥରେ ପରିଚାଳନା ସମିତିର ପୁନଃର୍ଗଠନ ହେବାର ବ୍ୟବସ୍ଥା ରହିଛି । ସଂପୃକ୍ତ ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି ପ୍ରତ୍ୟେକ ମାସରେ ବୈଠକ କରି ଆଶ୍ରୟସ୍ଥଳୀର ଉତ୍ତମ ରକ୍ଷଣାବେକ୍ଷଣ ଓ ଗୋଷ୍ଠୀ ସ୍ତରରେ ବିପର୍ଯ୍ୟୟ ମୁକାବିଲା ଓ ପ୍ରସ୍ତୁତିକରଣ କରିବା ନିମନ୍ତେ ଆଲୋଚନା କରିବା ସହ ଆଶ୍ରୟସ୍ଥଳୀର ସୁରକ୍ଷା ଓ ବ୍ୟବହାରକୁ ଗୁରୁତ୍ୱ ଦେବା ସହ ବିପର୍ଯ୍ୟୟ

*ଆଶ୍ରୟସ୍ଥଳୀ ପରିଚାଳନା ଏକ ବହୁବିଧ ପ୍ରକ୍ରିୟା । ଏହା ସବୁ ସ୍ତରର ସମନ୍ୱୟର ଅପେକ୍ଷା ରଖେ ।*

ସମୟରେ ପ୍ରଭାବିତ ଜନସାଧାରଣ ଯେପରି ନିରାପଦ ଭାବରେ ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇ ପାରିବେ ସେ ଦିଗରେ ସମସ୍ତ ସଭ୍ୟ/ସଭ୍ୟା ମତାମତ ଉପସ୍ଥାପନ କରିପାରିବେ।

## ଆଶ୍ରୟସ୍ଥଳୀ ସ୍ତରରେ କାର୍ଯ୍ୟନିର୍ବାହୀ ଦଳ (ଟାସ୍କ ଫୋର୍ସ) {ବିପର୍ଯ୍ୟୟ ପରିଚାଳନା ଦଳ (ଡି.ଏମ୍.ଟି.)}

### ବିପର୍ଯ୍ୟୟ ପରିଚାଳନା ଦଳ ଗଠନର ଉଦ୍ଦେଶ୍ୟ:

ବିପଦସଂକୁଳ ଗୋଷ୍ଠୀ ମଧ୍ୟରେ ଧନ ଓ ଜୀବନର କ୍ଷୟକ୍ଷତିକୁ ହ୍ରାସ କରିବା ସହ ବିପର୍ଯ୍ୟୟ ପରିଚାଳନା ଓ ମୁକାବିଲା ପାଇଁ ପ୍ରସ୍ତୁତି  ନିମନ୍ତେ ଗୋଷ୍ଠୀସ୍ତରରେ ଦକ୍ଷତା ବୃଦ୍ଧି ପାଇଁ ଦଳ ଭିତ୍ତିକ ତାଲିମ ଓ ପ୍ରଶିକ୍ଷଣପ୍ରାପ୍ତ ସ୍ୱେଚ୍ଛାସେବୀମାନେ ସମ୍ବେଦନଶୀଳ ଗୋଷ୍ଠୀଙ୍କୁ ସୁରକ୍ଷା ଦେବା ପାଇଁ ବିପର୍ଯ୍ୟୟ ପରିଚାଳନା ଦଳର ପ୍ରମୁଖ ଉଦ୍ଦେଶ୍ୟ।



### ଆଶ୍ରୟସ୍ଥଳୀସ୍ତରୀୟ କାର୍ଯ୍ୟ ନିର୍ବାହୀ ଦଳ (ଟାସ୍କଫୋର୍ସ) / ବିପର୍ଯ୍ୟୟ ପରିଚାଳନା ଦଳ (ଡି.ଏମ୍.ଟି.)ର ଗଠନ

୧. ଆଶ୍ରୟସ୍ଥଳୀ ନିର୍ମାଣ ହୋଇଥିବା ଗ୍ରାମ ଓ ସଂଯୋଗ ଗ୍ରାମର ୧୮ –୩୫ ବର୍ଷ ବୟସ ମଧ୍ୟରେ ଥିବା ଉତ୍ସାହୀ, ସାହସୀ, ସ୍ୱେଚ୍ଛାସେବୀ ମନୋବୃତ୍ତି ଥିବା ୫୦ ଜଣ ଆଗ୍ରହୀ ଯୁବକ ଯୁବତୀଙ୍କୁ ସମିତିର ସାଧାରଣ ବୈଠକରେ ଗୋଷ୍ଠୀର ମତାମତକୁ ଆଧାର କରି ଆଶ୍ରୟସ୍ଥଳୀ ସ୍ତରରେ ଆଶ୍ରୟସ୍ଥଳୀ ସ୍ତରୀୟ ଟାସ୍କଫୋର୍ସ ବା ବିପର୍ଯ୍ୟୟ ପରିଚାଳନା ଦଳ (ଡି.ଏମ୍.ଟି) ଗଠନ କରାଯାଏ।

୨. ଆଶ୍ରୟସ୍ଥଳୀରେ ୫୦ ଜଣ ସ୍ୱେଚ୍ଛାସେବୀ ଯୁବକଯୁବତୀ ମଧ୍ୟରୁ ୨୫ ଜଣ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟରେ ଏବଂ ଅନ୍ୟ ୨୫ ଜଣ ପ୍ରାଥମିକ ଚିକିତ୍ସାକାରୀ ଦଳ ଭାବେ ଚିହ୍ନଟ କରାଯାଇଥାଏ । ସେମାନଙ୍କର ଦକ୍ଷତା ବୃଦ୍ଧି



ପାଇଁ ଓଡ୍ରାଫ୍, ସିଭିଲ୍ ଡିଫେନ୍ସ ଭଲ୍ୟୁଣ୍ଟିୟର, ସେଣ୍ଟ ଜେନ୍ସ ଆମ୍ବୁଲାନ୍ସ, ଜିଲ୍ଲାସ୍ତରୀୟ ପ୍ରଶିକ୍ଷକ ଓ ଅନ୍ୟ ସ୍ୱତନ୍ତ୍ର ପ୍ରଶିକ୍ଷିତ କର୍ମୀଙ୍କ ଜରିଆରେ ତାଲିମ୍ ଦିଆଯାଏ । ଏମାନେ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳ ପାଇଁ ଏକ ସାଧନ ସଦୃଶ । ନିଜ ଦଳକୁ ସୁନିୟନ୍ତ୍ରିତ କରିବା ପାଇଁ ସନ୍ଧାନ ଓ ଉଦ୍ଧାରକାରୀ ଦଳ ଓ ପ୍ରାଥମିକ ଚିକିତ୍ସା ଦଳର ଜଣେ ଜଣେ ଦଳପତି (ଲିଡର୍) ଦାୟୀତ୍ୱ ନେଇ ସଂପୃକ୍ତ ପରିଚାଳନା ସମିତିକୁ ସଦାସର୍ବଦା ସହଯୋଗ କରି ନିଜର ମତାମତ ଉପସ୍ଥାପନ କରିପାରିବେ । ଆବଶ୍ୟକସ୍ଥଳେ ସମିତି ବୈଠକରେ ଅଂଶଗ୍ରହଣ କରି ଟାସ୍କଫୋର୍ସ ସମ୍ପର୍କିତ ବିଷୟ ଉପସ୍ଥାପନ କରିପାରିବେ ।

୩. ବିପର୍ଯ୍ୟୟ ପୂର୍ବରୁ, ପରେ ଓ ବିପର୍ଯ୍ୟୟ ସମୟରେ ମଧ୍ୟ କାର୍ଯ୍ୟନିର୍ବାହୀ ଦଳ (ଟାସ୍କଫୋର୍ସ) ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି ।

୪. ଯଦି କୌଣସି ଟାସ୍କଫୋର୍ସ ସଦସ୍ୟ/ସଦସ୍ୟା ନିଜ ବ୍ୟକ୍ତିଗତ କାରଣ ବା ଅନ୍ୟ କୌଣସି କାରଣ ପାଇଁ ଦୀର୍ଘ ଦିନ ଗ୍ରାମ ଠାରୁ ଦୂରରେ ରହୁଥାନ୍ତି ବା ଅନୁପସ୍ଥିତ ରୁହନ୍ତି, ତାହେଲେ ଏହି କ୍ଷେତ୍ରରେ ସଂପୃକ୍ତ ପରିଚାଳନା ସମିତି ତାଙ୍କ ବଦଳରେ ଅନ୍ୟ ଜଣେ ନୂତନ ସ୍ୱେଚ୍ଛାସେବୀଙ୍କୁ ସଦସ୍ୟ ଭାବେ ଗ୍ରହଣ କରି ଶୂନ୍ୟସ୍ଥାନ ପୂରଣ କରିଥାନ୍ତି ଓ ତାଙ୍କୁ ତାଲିମ୍ ଦେବାର ବ୍ୟବସ୍ଥା କରାଯାଇଥାଏ ।

୫. ଆଶ୍ରୟସ୍ଥଳୀସ୍ତରରେ ଗଠନ ହୋଇଥିବା ଟାସ୍କଫୋର୍ସର ତାଲିକା ସଂପୃକ୍ତ ସମିତିର ରେଜିଷ୍ଟରରେ ଲିଖିତ ବିବୃତି ଲିପିବଦ୍ଧ ରହିବା ସହ ସଂପୃକ୍ତ ସମିତିରେ ଏହି ତାଲିକାକୁ ଅନୁମୋଦନ ପୂର୍ବକ ସମୟକୁ ସମୟ ଏହି ତାଲିକାରେ ନୂତନ ସ୍ୱେଚ୍ଛାସେବୀଙ୍କ ଯୋଗଦାନକୁ ସମୟାନୁଯାୟୀ ତାଲିକାଭୁକ୍ତ କରାଇ ଓଏସ୍‌ଡିଏମ୍‌ଏ ଓ ଜିଲ୍ଲା ଜରୁରୀ କାର୍ଯ୍ୟାଳୟକୁ ପଠାଇବେ ।

## ବିପର୍ଯ୍ୟୟ ପରିଚାଳନା ଦଳ (ଡିଏମ୍‌ଟି) ସଂପର୍କିତ ନିୟମାବଳୀ

- ବିପର୍ଯ୍ୟୟ ପରିଚାଳନା ଯୋଜନା ଅନୁଯାୟୀ ଓ ଆଶ୍ରୟସ୍ଥଳୀ ପରିଚାଳନା ସମିତିର ସହଯୋଗରେ ବିପର୍ଯ୍ୟୟ ପରିଚାଳନା ଦଳ କର୍ତ୍ତବ୍ୟ ନିର୍ବାହ କରିବେ।
- ବାତ୍ୟା/ବନ୍ୟା/ସୁନାମୀ ଭଳି ବିପର୍ଯ୍ୟୟର ସତର୍କ ସୂଚନା ପାଇବା ମାତ୍ରେ ବିପର୍ଯ୍ୟୟ ପରିଚାଳନା ଦଳ ସେମାନଙ୍କର କାର୍ଯ୍ୟ ନିର୍ବାହ କରନ୍ତି।
- ବିପର୍ଯ୍ୟୟ ନଥିବା ସମୟରେ ସେମାନେ ବିପଦସଂକୁଳ ଜନସାଧାରଣଙ୍କ ପାଇଁ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ନିମନ୍ତେ ସହାୟକ ହୋଇଥାନ୍ତି।

## ପ୍ରଶିକ୍ଷଣ ଏବଂ ଦକ୍ଷତା ବୃଦ୍ଧି

ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ସ୍ତରରେ ଗଠନ ହୋଇଥିବା ଗୋଷ୍ଠୀସ୍ତରୀୟ ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣା ସମିତିର ସମସ୍ତ ସଭ୍ୟ/ସଭ୍ୟାଙ୍କୁ ବିପର୍ଯ୍ୟୟ ସମୟରେ ସଦାସର୍ବଦା କ୍ଷୟକ୍ଷତି ହୋଇଥିବା ବାତ୍ୟା ଓ ବନ୍ୟା ପ୍ରବଣ ଅଞ୍ଚଳର ସମ୍ବେଦନଶୀଳ ଗୋଷ୍ଠୀକୁ ସଦାସର୍ବଦା କ୍ଷୟକ୍ଷତିକୁ ବଞ୍ଚିତ କରିବା ଯଥା ବିପର୍ଯ୍ୟୟ ସମୟରେ ସମୂହ ଜୀବନକୁ ନିରାପଦ ଭାବେ ଆଶ୍ରୟ ଦେବାକୁ ଗୁରୁତ୍ୱ ଦିଆଯାଇ ଓଏସ୍‌ଡିଏମ୍‌ଏ ଦ୍ୱାରା ସମ୍ବେଦନଶୀଳ ସ୍ଥାନରେ ନିର୍ମାଣ ହୋଇଥିବା ଆଶ୍ରୟସ୍ଥଳୀକୁ ଦୈନନ୍ଦିନ ବ୍ୟବହାର, ରକ୍ଷଣାବେକ୍ଷଣ, ପରିଚାଳନା ଓ ବିପର୍ଯ୍ୟୟ ସମୟରେ ଗୋଷ୍ଠୀସମୂହ ନିରାପଦ ଭାବେ ଆଶ୍ରୟ ନେବା ଗୋଷ୍ଠୀର ଦାୟୀତ୍ୱ ରହିଥିବାରୁ ଗୋଷ୍ଠୀସ୍ତରରେ



ଗଠନ ହୋଇଥିବା ଆଶ୍ରୟସ୍ଥଳୀ ପରିଚାଳନା ଣକ୍ଷଣାବେକ୍ଷଣ ସମିତିର ସଂପୃକ୍ତ ଥିବା ସଭ୍ୟ ସଭ୍ୟା ଓ ଗୋଷ୍ଠୀରେ ବିଭିନ୍ନ ସ୍ତରରେ ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତିଙ୍କୁ ସଂପୃକ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ, କମ୍ୟୁନିଟି ମୋବିଲାଇଜର୍ ଓ ତାଲିମପ୍ରାପ୍ତ ପ୍ରଶିକ୍ଷକଙ୍କ ଦ୍ୱାରା ଆଶ୍ରୟସ୍ଥଳୀର ଉତ୍ତମ ପରିଚାଳନା ଓ ରକ୍ଷଣାବେକ୍ଷଣ ସମ୍ବନ୍ଧେ ତାଲିମ୍ ପ୍ରଦାନ କରାଯାଏ। ଏବଂ ଆଶ୍ରୟସ୍ଥଳୀ ସ୍ତରରେ ୧ ୧ ଦିନିଆ କାର୍ଯ୍ୟକ୍ରମ ଉପରେ ସବିଶେଷ ଧାରଣା ଦିଆଯାଇଥାଏ।

- ଆଶ୍ରୟସ୍ଥଳୀ ସ୍ତରରେ ଚିହ୍ନଟ ହୋଇଥିବା ୨୫ ଜଣ ସ୍ୱେଚ୍ଛାସେବୀ ଯୁବକଯୁବତୀଙ୍କୁ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟରେ ଓଡ୍ରାଫ୍, ସିଭିଲ୍ ଡିଫେନ୍ସ ଭଲ୍ୟୁଣ୍ଟିୟର ଓ ତାଲିମ୍‌ପ୍ରାପ୍ତ ପ୍ରଶିକ୍ଷକଙ୍କ ଦ୍ୱାରା ଚାରି ଦିନ ଧରି ଆଶ୍ରୟସ୍ଥଳୀରେ ତାଲିମ୍ ପ୍ରଦାନ କରାଯାଇ ତାଙ୍କ ଦକ୍ଷତା ବୃଦ୍ଧି କରାଯାଇଥାଏ ।
- ଅନ୍ୟ ୨୫ ଜଣ ସ୍ୱେଚ୍ଛାସେବୀ ଯୁବକଯୁବତୀଙ୍କୁ ପ୍ରାଥମିକ ଚିକିତ୍ସା ସମ୍ବନ୍ଧୀୟ ୨ ଦିନ ଧରି ଓଡ୍ରାଫ୍‌ର ତାଲିମ୍‌ପ୍ରାପ୍ତ ଯବାନ, ସେଣ୍ଟ ଜନ୍ ଆମ୍ବୁଲାନ୍ସ ଓ ତାଲିମ୍‌ପ୍ରାପ୍ତ ପ୍ରଶିକ୍ଷକଙ୍କ ଦ୍ୱାରା ସେହି ଆଶ୍ରୟସ୍ଥଳୀରେ ତାଲିମ୍ ଦିଆଯାଏ ।
- ସେହିପରି ଆଶ୍ରୟସ୍ଥଳିରେ ଥିବା ସମସ୍ତ ସରଞ୍ଜାମର ଉପକାରିତା ଉପରେ ସବିଶେଷ ଧାରଣା ଦିଆଯାଇ ଏହାର ବ୍ୟବହାର ଓ ରକ୍ଷଣାବେକ୍ଷଣ ଉପରେ ୨ ଦିନିଆ ତାଲିମ୍ ଓଡ୍ରାଫ୍‌ର ଯବାନ, ସିଭିଲ୍ ଡିଫେନ୍ସ ଓ ତାଲିମ୍‌ପ୍ରାପ୍ତ ପ୍ରଶିକ୍ଷକଙ୍କ ଦ୍ୱାରା ଆଶ୍ରୟସ୍ଥଳୀରେ ତାଲିମ୍ ଦିଆଯାଏ ।
- ଆଶ୍ରୟସ୍ଥଳୀ ପରିଚାଳନା ସମିତିରେ ବ୍ୟବହୃତ ସମସ୍ତ ନଥିପତ୍ରକୁ ସୁପରିଚାଳନା କରିବା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷକଙ୍କ ଦ୍ୱାରା ଆଶ୍ରୟସ୍ଥଳୀ ଠାରେ ୨ ଦିନିଆ ତାଲିମ୍ ଦିଆଯାଇଥାଏ । ସଂପୃକ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଓ କମ୍ୟୁନିଟି ମୋବିଲାଇଜର୍ ନଥିପତ୍ରର ଆବଶ୍ୟକତା ଓ ଗୋଷ୍ଠୀସ୍ତରରେ ସ୍ୱଚ୍ଛତା ତଥା ଏହାର ସୁପରିଚାଳନା ଦିଗରେ ଆଲୋକପାତ କରି ତାଲିମ୍ ସମୟରେ ଉପସ୍ଥିତ ରହି ସହଯୋଗ କରିଥାନ୍ତି ।

ଆଶ୍ରୟସ୍ଥଳୀ ସ୍ତରରେ ୧୧ ଦିନିଆ ତାଲିମ୍ କାର୍ଯ୍ୟକୁ କାର୍ଯ୍ୟକାରୀ କରି ଗୋଷ୍ଠୀ ସ୍ତରରେ ଦକ୍ଷତା ବୃଦ୍ଧି ନିମନ୍ତେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷକଙ୍କ ତରଫରୁ ପ୍ରୋତ୍ସାହନ ଦିଆଯାଇଥାଏ । ଯାହାକି ବିପର୍ଯ୍ୟୟ ମୁକାବିଲା ପରିଚାଳନାରେ ଦିଆଯାଇଥିବା ତାଲିମ୍‌ର ଜ୍ଞାନକୁ ବିନିଯୋଗ କରି କ୍ଷୟକ୍ଷତିକୁ ରୋକାଯାଇ ପାରିଥାଏ ।

### ପ୍ରଶିକ୍ଷଣ ଓ ଦକ୍ଷତା ଅଦ୍ୟତନ (ବର୍ତ୍ତମାନ ସ୍ଥିତିକୁ ଆଣିବା)

- ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସମୟାନୁସାରେ ସେମାନଙ୍କର ଜ୍ଞାନ ଓ ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରଶିକ୍ଷଣ ଦିଆଯିବ । ବିପର୍ଯ୍ୟୟ ପରିଚାଳନା ଏବଂ ମକ୍ ଡ୍ରିଲ (ସାମୁହିକ ଅଭ୍ୟାସ)ରେ ସେମାନେ ଅଂଶଗ୍ରହଣ କରିବେ ।
- ବିପର୍ଯ୍ୟୟ ପରିଚାଳନା ଦଳରୁ ସଭ୍ୟମାନଙ୍କୁ ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିରେ ସ୍ୱତନ୍ତ୍ର ସଭ୍ୟ/ସଭ୍ୟା ଭାବରେ ନିଆଯାଇପାରେ ।





☞ ଯେତେବେଳେ କୌଣସି କାରଣବଶତଃ ବିପର୍ଯ୍ୟୟ ପରିଚାଳନା ଦଳ (ଡିଏମ୍‌ଟି) ରେ ସଭ୍ୟ/ସଭ୍ୟା ପଦ ଖାଲି ରହେ, ସ୍ଥାନୀୟ ଯୁବଗୋଷ୍ଠୀ ମଧ୍ୟରୁ ଏହା ତୁରନ୍ତ ପୂରଣ କରାଯାଏ। ଏବଂ ତାଙ୍କୁ ମଧ୍ୟ ଅନ୍ୟମାନଙ୍କ ସମକକ୍ଷ କରିବା ପାଇଁ ତାଲିମ୍ ପ୍ରଦାନ କରାଯାଏ।

☞ ବିପର୍ଯ୍ୟୟ ପରିଚାଳନା ଦଳ(ଡିଏମ୍‌ଟି) ସଂପୂର୍ଣ୍ଣ ସେବା ମନୋବୃତ୍ତି ଥିବା ସ୍ୱେଚ୍ଛାସେବୀ ଦଳ ଅଟେ ଏବଂ ବିନା ପାରିଶ୍ରମିକରେ ସେବା ଯୋଗାଇବା ଏହାର ଉଦ୍ଦେଶ୍ୟ।

## ଆଶ୍ରୟସ୍ଥଳୀ ସ୍ତରରେ ମକ୍ ଡ୍ରିଲ୍ (ସାମୁହିକ ପ୍ରାକ୍ ଅଭ୍ୟାସ)

ରାଜ୍ୟରେ ମୌସୁମୀ ଜଳବାୟୁ ଆସିବା ପୂର୍ବରୁ ସମ୍ଭାବ୍ୟ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଆଶ୍ରୟସ୍ଥଳୀ ସ୍ତରରେ ଗୋଷ୍ଠୀଭିତ୍ତିକ ମୁକାବିଲା ପ୍ରସ୍ତୁତି ଓ ଅଭ୍ୟାସ ନିମନ୍ତେ ପ୍ରତି ବର୍ଷ ଜୁନ୍ ମାସ ୧୯ ତାରିଖରେ ଆଶ୍ରୟସ୍ଥଳୀ ସ୍ତରରେ ମକ୍‌ଡ୍ରିଲ୍ (ପ୍ରାକ୍ ଅଭ୍ୟାସ) କରାଯାଇଥାଏ। ଆଶ୍ରୟସ୍ଥଳୀକୁ ଯୋଗାଇ ଦିଆଯାଇଥିବା ସରଞ୍ଜାମକୁ ବ୍ୟବହାର କରାଯାଏ। ଆଶ୍ରୟସ୍ଥଳୀ ସ୍ତରୀୟ ଟାସ୍କଫୋର୍ସ ସ୍ୱେଚ୍ଛାସେବୀ, ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିର ସଭ୍ୟ/ସଭ୍ୟା, ଗୋଷ୍ଠୀ ସମୂହ ଏବଂ ସଂପୃକ୍ତ ସରକାରୀ ଅଧିକାରୀଙ୍କ ମିଳିତ ସହଭାଗୀତାରେ ଆଶ୍ରୟସ୍ଥଳୀ ସ୍ତରରେ ମକ୍ ଡ୍ରିଲ୍ (ସାମୂହୀକ ପ୍ରାକ୍ ଅଭ୍ୟାସ କରାଯାଇଥାଏ। ଉକ୍ତ କାର୍ଯ୍ୟକ୍ରମକୁ ନୋଡାଲ ଏନ୍‌ଜିଓ ଓ କମ୍ୟୁନିଟି ମୋବିଲାଇଜର ସଂଯୋଜନା କରିଥାନ୍ତି। ଏହି



***ଆଶ୍ରୟସ୍ଥଳୀ ପରିଚାଳନା ଏକ ବହୁବିଧ ପ୍ରକ୍ରିୟା। ଏହା ସବୁ ସ୍ତରର ସମନ୍ୱୟର ଅପେକ୍ଷା ରଖେ।***

ସାମୟିକ ପ୍ରାକ୍ ଅଭ୍ୟାସକୁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀ ପର୍ଯ୍ୟବେକ୍ଷଣ କରିଥାନ୍ତି । ଆବଶ୍ୟକ ଅନୁଯାୟୀ ବିପର୍ଯ୍ୟୟକୁ ମୁକାବିଲା କରିବା ନିମନ୍ତେ ଅନ୍ୟ ସମୟରେ ମଧ୍ୟ ପ୍ରାକ୍ ଅଭ୍ୟାସ କାର୍ଯ୍ୟକ୍ରମ କରାଯାଇଥାଏ ।

### ମକ୍ ଡ୍ରିଲ (ସାମୁହିକ ପ୍ରାକ୍ ଅଭ୍ୟାସ)ର ପ୍ରକ୍ରିୟା:

ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଜାରି ହୋଇଥିବା ମିଛିମିଛିକା (ଡମି) ବୁଲେଟିନ୍‌କୁ ଆଧାର କରି ଓ.ଏସ୍.ଡି.ଏମ୍.ଏ. ଦ୍ୱାରା ବ୍ଲକ ପ୍ରଶାସନ ଏବଂ ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିକୁ ଏକ



ସତର୍କ ସୂଚନା ଦିଆଯାଏ । ଓ.ଏସ୍.ଡି.ଏମ୍.ଏ ଓ ଜିଲ୍ଲା ପ୍ରଶାସନ ଠାରୁ ଏହି ସତର୍କ ସୂଚନା ମିଳିବା ପରେ ଜରୁରୀକାଳୀନ ଭାବେ ସମସ୍ତ ସତର୍କ ହେବା ସହ ଆଶ୍ରୟସ୍ଥଳୀ ଓ ଆଖପାଖ ଗ୍ରାମରେ ରେ ଏକ ସତର୍କ ଘଣ୍ଟି ବାଜିଥାଏ । ଏହି ସତର୍କ ସୂଚନା ମିଳିବା ମାତ୍ରେ ସ୍ଥାନୀୟ ସ୍ୱେଚ୍ଛାସେବୀ, କାର୍ଯ୍ୟନିର୍ବାହୀ ଦଳ(ଟାସ୍କଫୋର୍ସ) ସଭ୍ୟସଭ୍ୟା ଏବଂ ଆଶ୍ରୟସ୍ଥଳୀ ସମିତି ସଦସ୍ୟମାନେ ମିଳିତ ହୋଇ ଏକ ଜରୁରୀକାଳୀନ ବୈଠକ ଆୟୋଜନ କରିବା ସହ କାର୍ଯ୍ୟ ଯୋଜନା ଓ ସ୍ଥାନାନ୍ତରଣ ନିମନ୍ତେ ସଜାଗ ହୋଇଥାନ୍ତି । ଟାସ୍କଫୋର୍ସ ସଦସ୍ୟ/ସଦସ୍ୟାମାନେ

ମାଧ୍ୟମରେ ଜନସାଧାରଣଙ୍କୁ ସତର୍କ କରାଇଦିଅନ୍ତି । ତା ପରେ ସ୍ଥାନୀୟ ଜନସାଧାରଣ ନିଜର ଅତ୍ୟାବଶ୍ୟକ ଜିନିଷପତ୍ର (ଜରୁରୀକାଳୀନ କିଟ୍) ପ୍ରସ୍ତୁତ କରି ତୁରନ୍ତ ଆଶ୍ରୟସ୍ଥଳୀରେ ଆସି ଆଶ୍ରୟ ନିଅନ୍ତି । ଟାସ୍କଫୋର୍ସ ସଭ୍ୟସଭ୍ୟାମାନେ ଶାରୀରିକ ଅକ୍ଷମ, ଅସୁସ୍ଥ ବ୍ୟକ୍ତି, ଭିନ୍ନକ୍ଷମ, ବୃଦ୍ଧବୃଦ୍ଧା, ଗର୍ଭବତୀ ମହିଳା ଆଦିଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରଣରେ ସାହାଯ୍ୟ କରିଥାନ୍ତି । ସନ୍ଧାନ ଓ ଉଦ୍ଧାର  ଏବଂ ପ୍ରାଥମିକ ଚିକିତ୍ସା ଦଳ ଏହି ମକ୍ ଡ୍ରିଲ୍ ପାଇଁ ସେମାନଙ୍କର ଅଭ୍ୟାସକୁ ପ୍ରଦର୍ଶନ କରିଥାନ୍ତି । ଉପକରଣ ବ୍ୟବହାର ନିମନ୍ତେ ତାଲିମ୍ ନେଇଥିବା ସ୍ୱେଚ୍ଛାସେବୀ ବା କିଛି ବ୍ୟକ୍ତି ମକ୍ ଡ୍ରିଲରେ ଉପକରଣର ବ୍ୟବହାର ପ୍ରଦର୍ଶନ କରିଥାନ୍ତି । ଏହି ମକ୍ ଡ୍ରିଲ୍‌ରେ ପରିଲକ୍ଷିତ ତ୍ରୁଟିବିଚ୍ୟୁତିକୁ ଚିହ୍ନଟ କରାଯାଇ ପରବର୍ତ୍ତୀ ସମୟରେ ସୁଧାରିବା ଉପରେ ଗୁରୁତ୍ୱ ଦିଆଯାଏ ।

## ବେସରକାରୀ ସଂସ୍ଥାର ସମ୍ପୃକ୍ତି

ବେସରକାରୀ / ଆନ୍ତର୍ଜାତୀୟ ବେସରକାରୀ ଅନୁଷ୍ଠାନଗୁଡ଼ିକ ସାମାଜିକ ବାର୍ତ୍ତାବହ ଓ ଗୋଷ୍ଠୀ ଅଂଶଗ୍ରହଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାନ୍ତି । ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ) ଏବଂ ଭାରତୀୟ ରେଡ୍‌କ୍ରସ ସୋସାଇଟି (ଓଡ଼ିଶା ଶାଖା) ଭାଗୀଦାରି ଭାବେ କାର୍ଯ୍ୟ କରନ୍ତି । ବହୁମୁଖୀ ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ନିମନ୍ତେ ବିଭିନ୍ନ ବେସରକାରୀ ଅନୁଷ୍ଠାନ ଓ ଆନ୍ତର୍ଜାତୀୟ ବେସରକାରୀ ଅନୁଷ୍ଠାନ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥାନ୍ତି । ମିଳିତ ଜାତିସଂଘ ଉନ୍ନୟନ ଯୋଜନା ଓ ରାଜ୍ୟ ସରକାରଙ୍କ ଅଧୀନରେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟକ୍ରମ, ଗ୍ରାମସ୍ତରୀୟ, ବ୍ଲକ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ କରିଥାନ୍ତି ।

ସ୍ଥାନୀୟ ଅଞ୍ଚଳରେ ଥିବା ବେସରକାରୀ ଅନୁଷ୍ଠାନଗୁଡ଼ିକର ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉତ୍ତମ କାର୍ଯ୍ୟକଳାପ ପ୍ରଦର୍ଶନ ଆଧାରରେ ଓଏସ୍‌ଡିଏମ୍‌ଏ ସେମାନଙ୍କୁ ଏ କ୍ଷେତ୍ରରେ ରାଜ୍ୟ କାର୍ଯ୍ୟାଳୟ ସହିତ ସଂଯୋଜନା ଓ କାର୍ଯ୍ୟ କରିବା ନିମନ୍ତେ ସୁଯୋଗ ଦେଇଥାଏ । ବ୍ଲକସ୍ତରରେ ଓଏସ୍‌ଡିଏମ୍‌ଏ ଦ୍ୱାରା ଗୋଟିଏ ନୋଡାଲ୍ ଏନ୍‌ଜିଓ ଚିହ୍ନଟ କରାଯାଇଛି । ନୋଡାଲ ଏନ୍‌ଜିଓ ଗୁଡ଼ିକ ସଂପୂର୍ଣ୍ଣ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରିଥାନ୍ତି ଏବଂ ଏମାନେ କୌଣସି ଆର୍ଥିକ ସହଯୋଗ ବା ଅନ୍ୟ ସହଯୋଗ ନିମନ୍ତେ ଦାବି କରିପାରିବେ ନାହିଁ । ସେମାନଙ୍କର କାର୍ଯ୍ୟ ପ୍ରଦର୍ଶନକୁ ଭିତ୍ତି କରି ସମ୍ମାନ ଦିଆଯାଇଥାଏ । ଯଦି କୌଣସି ବେସରକାରୀ ଅନୁଷ୍ଠାନ ସନ୍ତୋଷଜନକ କାର୍ଯ୍ୟ ପ୍ରଦର୍ଶନ କରି ନପାରେ, ଓଏସ୍‌ଡିଏମ୍‌ଏ ଏହାକୁ ପୂର୍ବ ନୋଟିସ୍/ ସୂଚନା ବିନା କାର୍ଯ୍ୟରୁ

ବର୍ହିଭୂତ କରିବା ସହ ନୂଆ ବେସରକାରୀ ଅନୁଷ୍ଠାନକୁ ସେହି ବ୍ଲକରେ କାର୍ଯ୍ୟ କରିବା ପାଇଁ ସୁଯୋଗ ଦେଇଥାଏ ।

ଆଶ୍ରୟସ୍ଥଳୀ ସ୍ତରରେ ନଥିପତ୍ର ପ୍ରସ୍ତୁତିକରଣ, ଗଚ୍ଛିତ ଥିବା ଉପକରଣର ରକ୍ଷଣାବେକ୍ଷଣ, ସାମାଜିକ ସଂଯୋଜନା ସହ ସମିତି ସଭ୍ୟସଭ୍ୟାଙ୍କୁ ବିପର୍ଯ୍ୟୟ ସଂପର୍କିତ ଶିକ୍ଷା ଓ ସ୍ୱେଚ୍ଛାସେବୀ ମନୋବୃତ୍ତିକୁ ଉତ୍ସାହିତ କରିବା ବେସରକାରୀ ଅନୁଷ୍ଠାନଗୁଡିକର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଆଶ୍ରୟସ୍ଥଳୀର ସମସ୍ତ ବେସରକାରୀ ସଭ୍ୟ/ସଭ୍ୟାମାନେ ସମିତିର କାର୍ଯ୍ୟ ସମ୍ବନ୍ଧରେ ସଚେତନ ହୋଇ ବ୍ୟକ୍ତିଗତ ଭାବରେ କାର୍ଯ୍ୟ କରିବାର ଦକ୍ଷତା ଆସିବା ପର୍ଯ୍ୟନ୍ତ ଏହି ନୋଡାଲ୍ ଏନ୍‌ଜିଓ ମାନେ ଏମାନଙ୍କୁ ସହଯୋଗ କରିଥାନ୍ତି । ନୋଡାଲ୍ ଏନ୍‌ଜିଓମାନଙ୍କର ମୁଖ୍ୟ କାର୍ଯ୍ୟକଳାପ ନିମ୍ନରେ ପ୍ରଦାନ କରାଗଲା-

୧. ଆଶ୍ରୟସ୍ଥଳୀ ସ୍ତରୀୟ ନଥିପତ୍ର ପ୍ରସ୍ତୁତିକରଣ, ତଥ୍ୟ ସଂଗ୍ରହ, ବିବରଣୀ ପ୍ରସ୍ତୁତି ଏବଂ ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିର ନିୟମିତ ବୈଠକ ନିମନ୍ତେ ସହଯୋଗ କରିବା ।

୨. ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିର କାର୍ଯ୍ୟନିର୍ବାହୀ ଦଳ(ଟାସ୍କଫୋର୍ସ) ଗଠନରେ ସହଯୋଗ ଏବଂ ସେମାନଙ୍କୁ ତାଲିମ୍ ଦେବା ନିମନ୍ତେ ସଂଯୋଜନା କରିବାରେ ସହଯୋଗ କରିବା ।

୩. ସଭ୍ୟସଭ୍ୟାମାନଙ୍କୁ ସାମାଜିକ ସଂଯୋଜନା ଦକ୍ଷତା, ଉପକରଣ ବ୍ୟବହାର ଏବଂ ନଥିପତ୍ର ପ୍ରସ୍ତୁତି ନିମନ୍ତେ ତାଲିମ୍ ଦେବାରେ ସହଯୋଗ କରିଥାନ୍ତି ।

୪. ମକ୍ ଡ୍ରିଲ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ କରିବା ସହ ସଂଯୋଜନା କରିବା ।

୫. ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓଏସ୍‌ଡିଏମ୍‌ଏ), ଜିଲ୍ଲା ପ୍ରଶାସନ, ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ), ଆଶ୍ରୟସ୍ଥଳୀସ୍ତରୀୟ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି ଏବଂ ଅନ୍ୟ ଅଂଶୀଦାର ମଧ୍ୟରେ ସମ୍ବନ୍ଧ ସ୍ଥାପନ କରିବା ।

୬. ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓଏସ୍‌ଡିଏମ୍‌ଏ) ଦ୍ୱାରା ଦିଆଯାଇଥିବା ଅନ୍ୟ କୌଣସି କାର୍ଯ୍ୟରେ ସହଯୋଗ କରିବା ।

## ରକ୍ଷଣାବେକ୍ଷଣ /ମରାମତି ପାଇଁ କର୍ପସ ଫଣ୍ଡ (ସଂଗୃହୀତ ଅର୍ଥ)

ନିର୍ମାଣ ହୋଇଥିବା ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ବୈଷୟିକ/ ଇଂଜିନିୟରିଂ ଦୃଷ୍ଟିକୋଣରୁ ଏହା ଅତ୍ୟନ୍ତ ଉତ୍କୃଷ୍ଟ ଅଟେ, ଯାହାକି ସମସ୍ତ ପ୍ରକାର ଜଳବାୟୁ, ଲୁଣା ଜଳବାୟୁ ପ୍ରଭାବ ଆଦିକୁ ସହଜରେ ପ୍ରତିରୋଧ

କରିଥାଏ। ଉକ୍ତ ଆଶ୍ରୟସ୍ଥଳୀ ନିର୍ମାଣ ହେବାର ଏକ ବର୍ଷ ମଧ୍ୟରେ ଯଦି କୌଣସି ପରିବର୍ତ୍ତନ ବା ମରାମତି ଆବଶ୍ୟକ ପଡିଥାଏ ତେବେ ତାହା ଠିକାଦାରଙ୍କ ଦ୍ୱାରା ମୂଳରାଶି ରୁ କରାଯାଇଥାଏ। କୌଣସି ବଡ ଧରଣର ବା ଆଂଶିକ /ସଂପୂର୍ଣ୍ଣ ଭାବେ ଆବଶ୍ୟକ ପଡୁଥିବା କାର୍ଯ୍ୟ ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମତି ଦ୍ୱାରା ସମ୍ଭବ ହୋଇପାରିନଥାଏ। ତେଣୁ ବଡଧରଣର ମରାମତି ନିମନ୍ତେ ବିକଳ୍ପ ଭାବେ ଅନ୍ୟ ପନ୍ଥା ବିଚାରକୁ ନିଆଯାଇଥାଏ। ସବୁ ସତ୍ତ୍ୱେ, କୌଣସି ମରାମତି, ରକ୍ଷଣାବେକ୍ଷଣ ଅଦି କାର୍ଯ୍ୟ ସମିତିର ହେପାଜତ୍ ବା ଦାୟିତ୍ୱବୋଧତାରେ ରହିଥାଏ। ଅତିରିକ୍ତ ଭାବେ ସହଭାଗୀତା ଭିତ୍ତିରେ ପରିଚାଳନା ଓ ରକ୍ଷଣାବେକ୍ଷଣ ନିମନ୍ତେ କର୍ପସ ପାଣ୍ଠି ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦିଆଯାଇଥାଏ। ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ପର୍ଯ୍ୟାୟ କ୍ରମେ ଆଶ୍ରୟସ୍ଥଳୀ ପିଛା ୫ ଲକ୍ଷ ଟଙ୍କା ଲେଖାଏଁ ଦେଇ ଏହି କର୍ପସ ପାଣ୍ଠିକୁ ସମୃଦ୍ଧ କରାଯାଉଛି। କର୍ପସ ପାଣ୍ଠି ଉପଲବ୍ଧ ଥିଲେ ମରାମତି ପାଇଁ ନିମ୍ନରେ କେତେକ ନିୟମାବଳୀକୁ ଅନୁକରଣ କରାଯାଇଥାଏ।

୧. ଏହି କର୍ପସ ପାଣ୍ଠିକୁ ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣା ସମିତିର ଯୁଗ୍ମ ଆକାଉଣ୍ଟ ଥିବା ଏକ ଜାତୀୟକରଣ ବ୍ୟାଙ୍କ ବା ଡାକଘରେ ଜମା କରାଯାଇଥାଏ ଓ ଏହାର ବାର୍ଷିକ ସୁଧକୁ ମୂଳଜମାରାଶି ସହିତ ଖାତାରେ ଜମା ହୋଇଯାଇଥାଏ।

୨. ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ)ର ବିନା ଅନୁମତିରେ ବ୍ୟାଙ୍କରେ ଜମା ହୋଇଥିବା ଅର୍ଥ ରାଶି (କର୍ପସ ପାଣ୍ଠି)କୁ ସମିତି ଉଠାଇ ପାରିବ ନାହିଁ।

୩. ଜମା ହୋଇଥିବା ମୂଳ ଅର୍ଥରୁ ମିଳୁଥିବା ସୁଧରେ ଆଶ୍ରୟସ୍ଥଳୀରେ ଆବଶ୍ୟକ ପଡୁଥିବା ଛୋଟ ଛୋଟ ମରାମତି, ଦକ୍ଷତା ବୃଦ୍ଧି, ମକ୍ ଡ୍ରିଲ୍ ଇତ୍ୟାଦି ନିୟମିତ କାର୍ଯ୍ୟକ୍ରମ ଚାଲୁ ନିମନ୍ତେ ସମିତି ବୈଠକରେ ଲିଖିତ ଭାବେ ସମସ୍ତ ବିବରଣୀ ଉଲ୍ଲେଖ କରି ଟଙ୍କା ଉଠାଣ କରିବା ସହ ଖର୍ଚ୍ଚ ମଧ୍ୟ କରିଥାନ୍ତି। ବଳକା ଅର୍ଥ ରାଶି ପରବର୍ତ୍ତୀ ସମୟରେ ବ୍ୟାଙ୍କରେ ଜମା କରାଯାଇଥାଏ।

## ଆର୍ଥିକ ନିୟମାବଳୀ

୧. ଓଏସ୍‌ଡିଏମ୍ ଦ୍ୱାରା ପ୍ରଣୀତ ହୋଇଥିବା ବାଇ-ଲର ଅର୍ଥନିତୀ ସମ୍ବନ୍ଧୀୟ ନିତୀନିୟମକୁ ସଂପୃକ୍ତ ପରିଚାଳନା ସମିତି ଅବଲମ୍ବନ କରିଥାନ୍ତି।

୨. ସ୍ଥାନୀୟ ଜାତୀୟକରଣ ବ୍ୟାଙ୍କରେ ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି

(ସିଏସ୍ଏମଏମସି)/ ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି(ଏଫଏସ୍ଏମ୍ଏମ୍ସି)ର ସଭାପତି ଓ ସଂପାଦକଙ୍କ ଯୁଗ୍ମ ଦସ୍ତଖତରେ ବ୍ୟାଙ୍କ ଖାତା ଖୋଲା ଯାଇଥାଏ।

୩. ବହୁମୁଖୀ ବାତ୍ୟା /ବନ୍ୟା ଆଶ୍ରୟସ୍ଥଳୀର ରକ୍ଷଣାବେକ୍ଷଣ ନିମନ୍ତେ ସରକାରୀ ଉତ୍ସରୁ ପାଣ୍ଠି ଯୋଗାଇ ଦିଆଯାଇଥାଏ। ଉକ୍ତ ଅର୍ଥରାଶିକୁ ସିଏସ୍ଏମ୍ଏମ୍ସି / ଏଫ୍ଏସ୍ଏମ୍ଏମ୍ସି ଦ୍ୱାରା ଯୁଗ୍ମ ଦସ୍ତଖତରେ ଖୋଲା ଯାଇଥିବା ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଇଥାଏ। ଆଶ୍ରୟସ୍ଥଳୀର ପରିଷ୍କାର ପରିଚ୍ଛନ୍ନତା /ରକ୍ଷଣାବେକ୍ଷଣ ନିମନ୍ତେ ସମିତିର ଅଧିବେଶନରେ ଗୃହୀତ ଓ ସଂପୂର୍ଣ୍ଣ ବିବରଣୀ ଉଲ୍ଲେଖ ପରେ ସଭାପତି /ସଂପାଦକ ୫୦୦ ଟଙ୍କା ହାତରେ ରଖି ଆଶ୍ରୟସ୍ଥଳୀରେ ଖର୍ଚ୍ଚ କରିପାରିବେ।

୪. ଆଶ୍ରୟସ୍ଥଳୀର ଆଂଶିକ ମରାମତି ନିମନ୍ତେ ସିଏସ୍ଏମ୍ଏମ୍ସି / ଏଫ୍ଏସ୍ଏମ୍ଏମ୍ସିର ଅନୁମୋଦନ କ୍ରମେ ୧୦୦୦ ଟଙ୍କାରୁ ଅଧିକ ଖର୍ଚ୍ଚ କରିପାରିବେ ନାହିଁ। ଏହି କାର୍ଯ୍ୟ କରିବା ନିମନ୍ତେ ସମିତିର ସଭାପତିଙ୍କ ଅନୁମୋଦନ ଆବଶ୍ୟକ ହୋଇଥାଏ।

୫. ସ୍ଥାନୀୟ ଜନସାଧାରଣ ଏବଂ ସମିତି ସଦସ୍ୟା /ସଦସ୍ୟଙ୍କର ସଂପୂର୍ଣ୍ଣ ସହଯୋଗରେ ଆଶ୍ରୟସ୍ଥଳୀର ମରାମତି କାର୍ଯ୍ୟ ସରକାରୀ ବିଭାଗ ଦ୍ୱାରା କିମ୍ବା ନିୟୋଜିତ ଠିକାଦାରଙ୍କ ଦ୍ୱାରା କରାଯାଇଥାଏ। ସିଏସ୍ଏମ୍ଏମ୍ସି / ଏଫ୍ଏସ୍ଏମ୍ଏମ୍ସି ର ସଦସ୍ୟ ଉକ୍ତ କାର୍ଯ୍ୟର ଗୁଣାତ୍ମକତାକୁ ତଦାରଖ କରିଥାନ୍ତି।

୬. ୫୦୦ ଟଙ୍କାରୁ ଅଧିକ ଖର୍ଚ୍ଚ ହେଲେ ପ୍ରାପ୍ୟ ଦେୟକୁ ଚେକ୍ ଆକାରରେ ଦିଆଯାଇଥାଏ। ସଭାପତି ଓ ସଂପାଦକଙ୍କ ଯୁଗ୍ମ ଦସ୍ତଖତରେ ଚେକ୍ ପ୍ରଦାନ କରାଯାଇଥାଏ।

୭. ଆର୍ଥିକ ବର୍ଷ ଆରମ୍ଭ ପୂର୍ବରୁ ସମିତି ବୈଠକରେ ଆଶ୍ରୟସ୍ଥଳୀରେ ଭିନ୍ନ ଭିନ୍ନ ଉଦ୍ଦେଶ୍ୟରେ ଆବଶ୍ୟକ ହେଉଥିବା ଖର୍ଚ୍ଚ ପରିମାଣକୁ ନିଷ୍ପତ୍ତି ନିଆଯାଇଥାଏ।

## ଆଶ୍ରୟସ୍ଥଳୀର ଉପକରଣ

ବିପର୍ଯ୍ୟୟ ସମୟରେ ଆଶ୍ରୟସ୍ଥଳୀର ବ୍ୟବହାର ନିମନ୍ତେ ଉପକରଣମାନ ପ୍ରତ୍ୟେକ ଆଶ୍ରୟସ୍ଥଳୀକୁ ଯୋଗାଇ ଦିଆଯାଇଅଛି। ଉପକରଣ ମଧ୍ୟରେ ଜେନେରେଟର ସେଟ୍, ଇନଫ୍ଲାଟେବୁଲ ଟାୱାର ଲାଇଟ୍ ଏବଂ ଟେଲିସ୍କୋପିକ୍ ଟାୱାର ଲାଇଟ୍ ଆଦି ସାଧାରଣତଃ ରାତି ସମୟରେ ବ୍ୟବହାରରେ ଆସିଥାଏ। ପାୱାର ସ, ସନ୍ଧାନ ଓ ଉଦ୍ଧାର ସରଞ୍ଜାମ, ପ୍ରାଥମିକ ଚିକିତ୍ସା କିଟ୍, ରୋଷେଇ ସାମଗ୍ରୀ ଇତ୍ୟାଦିକୁ ନେଇ ମୋଟ ୩୨ ରୁ ଅଧିକ ପ୍ରକାର ଉପକରଣ ଯୋଗାଇ ଦିଆଯାଇଅଛି।

*ବାତ୍ୟା ଆଶ୍ରୟସ୍ଥଳୀ କେବଳ ଏକ କୋଠାଘର ନୁହେଁ, ଏହା ଏକ ବହୁମୁଖୀ ସାମାଜିକ କେନ୍ଦ୍ର*




- ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ) ଏବଂ ଅନ୍ୟ ସହାୟତା ପ୍ରଦାନକାରୀ ସଂସ୍ଥା ଦ୍ୱାରା ଯୋଗାଇ ଦିଆଯାଇଥିବା ଉପକରଣର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ଉତ୍ତମ ରୂପେ ବ୍ୟବହାର ଆଦି ଦାୟିତ୍ୱ ସିଏସ୍‌ଏମ୍‌ଏମ୍‌ସି / ଏଫ୍‌ଏସ୍‌ଏମ୍‌ଏମ୍‌ସି ର ରହିଥାଏ । ଉକ୍ତ ଉପକରଣ ଯୋଗାଣ ସମୟରେ ସମିତିର ସଦସ୍ୟ/ସଦସ୍ୟା ଉପସ୍ଥିତ ରହି ଗ୍ରହଣ କରିଥାନ୍ତି ।
- ଜରୁରୀକାଳୀନ ପରିସ୍ଥିତି ବା ବିପର୍ଯ୍ୟୟ ସମୟରେ ଉପକରଣ ବ୍ୟବହାର କରାଯାଇଥାଏ ।
- ସମସ୍ତ ଉପକରଣର ତାଲିକା ଆଶ୍ରୟସ୍ଥଳୀରେ ଥିବା ଷ୍ଟକ ରେଜିଷ୍ଟରରେ ଉଲ୍ଲେଖ କରାଯାଇଥାଏ । ଉପକରଣର ଏକ ତାଲିକା ସଂପୃକ୍ତ ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ) ଏବଂ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥାଏ ।

*ଆଶ୍ରୟସ୍ଥଳୀ ପରିଚାଳନା ଏକ ବହୁବିଧ ପ୍ରକ୍ରିୟା । ଏହା ସବୁ ସ୍ତରର ସମନ୍ୱୟର ଅପେକ୍ଷା ରଖେ ।*

# ଆଶ୍ରୟସ୍ଥଳୀରେ ଥିବା ମାନଯୁକ୍ତ ଉପକରଣ ତାଲିକା

| କ୍ର.ସଂ. | ଉପକରଣ | ସଂଖ୍ୟା |
|---|---|---|
| ୧ | ଲାଇଫ୍ ବୟ (ଗୋଲେଇ) | ୫ |
| ୨ | ଲାଇଫ୍ ଜ୍ୟାକେଟ୍ (ବୟସ୍କଙ୍କ ପାଇଁ) | ୫ |
| ୩ | ଫ୍ଲୁରୋସେଣ୍ଟ୍ ଜ୍ୟାକେଟ୍ | ୫୦ |
| ୪. | ନିରାପଦ ଜୋତା | ୧୦ |
| ୫ | ହାତ ଗ୍ଲୋଭ୍ସ୍ | ୧୦ |
| ୬ | ନିରାପଦ ହେଲ୍‌ମେଟ୍ ( | ୧୦ |
| ୭ | ବର୍ଷାତି | ୧୦ |
| ୮ | ଫୋଲ୍ଡେବଲ୍ ଷ୍ଟ୍ରେଚର୍ | ୨ |
| ୯ | ଫାଷ୍ଟ-ଏଡ୍ ବକ୍ସ | ୧ |
| ୧୦ | ସର୍ଚ୍ଚ ଲାଇଟ୍ | ୧ |
| ୧୧ | ଅଗ୍ନି ନିର୍ବାପକ ଯନ୍ତ୍ର | ୧ |
| ୧୨ | ହ୍ୱିଲ୍ ଚେୟାର | ୨ |
| ୧୩ | ଷ୍ଟିଲ୍ ଆଲ୍‌ମିରା | ୧ |
| ୧୪ | ଷ୍ଟିଲ୍ ଥାକ | ୧ |
| ୧୫ | ଜି.ଆଇ ଟ୍ରଙ୍କ୍ | ୧ |
| ୧୬ | ପ୍ଲାଷ୍ଟିକ୍ ଚେୟାର | ୧୦ |
| ୧୭ | ହ୍ୟାଣ୍ଡହେଲ୍ଡ ଟୁଲ୍ସ୍ | ୧୨ |
| ୧୮ | ସୋଲାର ଲଣ୍ଠନ୍ | ୨ |
| ୧୯ | ମେଗା ଫୋନ୍ | ୧ |
| ୨୦ | ଇଲେକ୍ଟ୍ରିକ୍ ସାଇରନ୍ | ୧ |
| ୨୧ | ରେଡ଼ିଓ | ୧ |
| ୨୨ | ୱାଟର୍ ଫିଲ୍‌ଟର୍ | ୪ |
| ୨୩ | ଶିଡ଼ି | ୧ |
| ୨୪ | ଦରି | ୨ |
| ୨୫ | ତାର୍ପୋଲିନ୍ | ୨ |
| ୨୬ | ଦଉଡ଼ି | ୨ ବଣ୍ଡଲ୍ |
| ୨୭ | ନାଇଲନ୍ ଦଉଡ଼ି | ୨ ବଣ୍ଡଲ୍ |
| ୨୮ | ନୋଟିସ୍ ବୋର୍ଡ୍ | ୧ |
| ୨୯ | ଫ୍ରି ରୋଷେଇ ବାସନ (୨୨ ପ୍ରକାର) | ୧ ସେଟ୍ |
| ୩୦ | ଚେନ୍ ଓ | ୨ |
| ୩୧ | ଇନ୍‌ଫ୍ଲାଟେବେଲ୍ ଟାୱାର ଲାଇଟ୍ | ୧ |
| ୩୨ | ଟେଲିସ୍କୋପିକ୍ ଟାୱାର୍ ଲାଇଟ୍ | ୧ |
| ୩୩ | ୫ କେଭିଏ ଡିଜି ସେଟ୍ | ୧ |

***ବାତ୍ୟା ଆଶ୍ରୟସ୍ଥଳୀ କେବଳ ଏକ କୋଠାଘର ନୁହେଁ, ଏହା ଏକ ବହୁମୁଖୀ ସାମାଜିକ କେନ୍ଦ୍ର***

- କୌଣସି ବିପର୍ଯ୍ୟୟ, ଜରୁରୀକାଳୀନ ପରିସ୍ଥିତି ଏବଂ ମକ୍ ଡ୍ରିଲ୍ ସମୟରେ ଉପକରଣଗୁଡିକର ବ୍ୟବହାର କରାଯାଇଥାଏ ।

ସିଏସ୍ଏମ୍ଏମ୍ସି / ଏଫ୍ଏସ୍ଏମ୍ଏମ୍ସି ର ସଂପାଦକ ଷ୍ଟକ୍ ରେଜିଷ୍ଟରରେ ଉପକରଣଗୁଡିକର ସବିଶେଷ ତଥ୍ୟ ଓ ତାଲିକା ଉଲ୍ଲେଖ କରିଥାନ୍ତି । ଉପକରଣଗୁଡିକର ବ୍ୟବହାର ଅନ୍ୟାନ୍ୟ ସାଧାରଣ ସମୟରେ , ମକ୍ ଡ୍ରିଲ୍ ଏବଂ ଅନ୍ୟ ବିପର୍ଯ୍ୟୟ ସମୟରେ ବ୍ୟବହାର କରାଯିବା ସହ ଏହା ଲଗ୍ ବୁକ୍ରେ ଥିବା ଫର୍ମାଟରେ ଉଲ୍ଲେଖ କରାଯାଇଥାଏ ।



ଅଲୁମିନିୟମ୍ ଶିଡ଼ି



ଇନ୍ଫ୍ଲେଟେବୁଲ୍ ଟାୱାର୍ ଲାଇଟ୍



୫ କେଭିଏ ଜେନେରେଟର୍



ଇଲେକ୍ଟ୍ରିକାଲ୍ ସାଇରନ୍

***ବିପର୍ଯ୍ୟୟରେ ମୃତ୍ୟୁ ନ ହେବା ଆମର ଲକ୍ଷ୍ୟ ଅଟେ ।***



ଲାଇଫ୍ ବୟ



ଲାଇଫ୍ ଜାକେଟ୍




ପୋର୍ଟେବଲ୍ ପାୱାର୍ ସୋ



ଗ୍ଲୋଭ୍ସ୍/ସେଫ୍‌ଟି ସୋସ୍/ହେଲ୍‌ମେଟ୍

***ଆଶ୍ରୟସ୍ଥଳୀ ପରିଚାଳନା ଏକ ବହୁବିଧ ପ୍ରକ୍ରିୟା । ଏହା ସବୁ ସ୍ତରର ସମନ୍ୱୟର ଅପେକ୍ଷା ରଖେ ।***



ଫ୍ଲୋରୋସେଣ୍ଟ୍ ଜ୍ୟାକେଟ୍



ଫୋଲ୍‌ଡେବ୍‌ଲ୍ ଷ୍ଟ୍ରେଚର୍



ମେଗା ଫୋନ୍



ସର୍ଚ୍ଚ ଲାଇଟ୍

***ଓଏସ୍‌ଡିଏମ୍‌ଏ ସର୍ବଦା ବିପଦସଂକୁଳ ଗୋଷ୍ଠୀ ସହ ରହି ଆସିଅଛି ।***



ସୋଲାର୍ ଲଣ୍ଠନ୍



ୱାଟର ଫିଲ୍ଟର୍




ଫ୍ରି ପାୱାର ରେଡ଼ିଓ




ଫାଷ୍ଟ୍ ଏଡ୍ ବକ୍ସ

ଉପକରଣଗୁଡ଼ିକର ନିରାପଦ ବ୍ୟବହାର ନିମନ୍ତେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ) ଦ୍ୱାରା ଏକ ଓଡ଼ିଆ ଲିଖିତ ପୁସ୍ତିକା ପ୍ରସ୍ତୁତ କରାଯାଇଛି । ଉପକରଣ ସମ୍ବନ୍ଧୀୟ ପ୍ରଶିକ୍ଷଣ ସମୟରେ ତାଲିମ୍‌ଦାତା ଉକ୍ତ ପୁସ୍ତିକାକୁ ଅନୁକରଣ କରିଥାନ୍ତି ।

## ନଥିପତ୍ର ପ୍ରସ୍ତୁତି ଏବଂ ତଥ୍ୟ ପ୍ରଦାନ

ନିମ୍ନଲିଖିତ ତଥ୍ୟାବଳୀକୁ ସମିତିର ସଂପାଦକ ଅନୁକରଣ କରିଥାନ୍ତି ।

**୧. ରିଜୋଲୁସନ (ସଂକଳ୍ପ) ଖାତା**

ଉକ୍ତ ରେଜିଷ୍ଟରରେ ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି (ସିଏସ୍‌ଏମଏମସି) / ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି(ଏଫଏସ୍‌ଏମ୍‌ଏମ୍‌ସି) ବୈଠକ ଏବଂ ସାଧାରଣ ବୈଠକର ସଂପୂର୍ଣ୍ଣ ବିବରଣୀ ସଂପାଦକ ଲିପିବଦ୍ଧ କରିଥାନ୍ତି ।

**୨. ଷ୍ଟକ ଖାତା**

ଆଶ୍ରୟସ୍ଥଳୀକୁ ଯୋଗାଇ ଦିଆଯାଇଥିବା ସମସ୍ତ ଉପକରଣଗୁଡ଼ିକ ରେଜିଷ୍ଟରରେ ଥିବା ଫର୍ମାଟ ଅନୁସାରେ ଉଲ୍ଲେଖ କରାଯାଏ ।

**୩. କ୍ୟାସ ବୁକ୍**

ସମସ୍ତ ସଂଗୃହୀତ ଅର୍ଥ / ଜମାରାଶି ଏବଂ ବ୍ୟୟ ବିବରଣୀ ଏହି ଖାତାରେ ଉଲ୍ଲେଖ ରହିବ ଏବଂ ବାର୍ଷିକ ଏକ ଚାର୍ଟାଡ୍ ଫାର୍ମ ଦ୍ୱାରା ଏହାର ଅଡିଟ୍ କରାଯାଏ ।

**୪. ଉପକରଣ ସମ୍ବନ୍ଧୀୟ ଖାତା**

ଉକ୍ତ ରେଜିଷ୍ଟରରେ ଉପକରଣଗୁଡ଼ିକର ବ୍ୟବହାର, ସଚଳ /ଅଚଳ ଅବସ୍ଥା ଇତ୍ୟାଦି ଉଲ୍ଲେଖ ରହିଥାଏ ।

**୫. ପ୍ରଶିକ୍ଷଣ ଖାତା**

ତାଲିମ୍ ସମ୍ବନ୍ଧୀୟ ଦକ୍ଷତା, ତାଲିମ୍ ସମୟ ବିବରଣୀ ପ୍ରଶିକ୍ଷାର୍ଥୀଙ୍କ ନାମ, ଠିକଣା ଏବଂ ଯୋଗାଯୋଗ ନମ୍ବର ଆଦି ଉଲ୍ଲେଖ ରହିଥାଏ ।

## ରିପୋର୍ଟ (ତଥ୍ୟ)

୧. ପ୍ରତ୍ୟେକ ବୈଠକ ବିବରଣୀର ଏକ କିତା ନକଲ ସିଏସ୍ଏମ୍ଏମ୍ସି / ଏଫ୍ଏସ୍ଏମ୍ଏମ୍ସି ର ସଂପାଦକ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍ଡିଏମ୍ଏ) କାର୍ଯ୍ୟାଳୟକୁ ପଠାଇବା ଆବଶ୍ୟକ ।

୨. ବାର୍ଷିକ ଆୟବ୍ୟୟ , ପାଣ୍ଠି ସଂଗ୍ରହର ସଂପୂର୍ଣ୍ଣ ବିବରଣୀ ମଧ୍ୟ ଓଏସ୍ଡିଏମ୍ଏକୁ ପଠାଇବା ଆବଶ୍ୟକ ।

୩. ସରକାରୀ ସହାୟତା ପାଣ୍ଠିର ସମସ୍ତ ବ୍ୟବହାରିକ ପ୍ରମାଣପତ୍ର ପରିଚାଳନା ସମିତିର ସଭାପତି ଏବଂ ସଂପାଦକ ଯୁଗ୍ମ ସ୍ୱାକ୍ଷର ଥାଇ ଓଏସ୍ଡିଏମ୍ଏକୁ  ପଠାଇବା ଆବଶ୍ୟକ ।

## ଗୋଷ୍ଠୀର ସହଭାଗୀତା /ଅଂଶଗ୍ରହଣ

ଆଶ୍ରୟସ୍ଥଳୀ /ଗୋଷ୍ଠୀସ୍ତରରେ ମୁଖ୍ୟତଃ ହେଉଥିବା ଅଭ୍ୟାସ କାର୍ଯ୍ୟକ୍ରମଗୁଡିକରେ ବିଭିନ୍ନ ସ୍ତର ଓ ବର୍ଗର ଜନସାଧାରଣଙ୍କ ଅଂଶଗ୍ରହଣକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ଆଶ୍ରୟସ୍ଥଳୀର ପରିଚାଳନା ଓ ରକ୍ଷଣାବେକ୍ଷଣ







*ବାତ୍ୟା ଆଶ୍ରୟସ୍ଥଳୀ କେବଳ ଏକ କୋଠାଘର ନୁହେଁ, ଏହା ଏକ ବହୁମୁଖୀ ସାମାଜିକ କେନ୍ଦ୍ର*

ପାଇଁ ଆଶ୍ରୟସ୍ଥଳୀର ଥିବା ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିକୁ ଉକ୍ତ ଜିନିଷ /ସଂପତ୍ତିଗୁଡିକୁ ହସ୍ତାନ୍ତର କରାଯାଇଥାଏ ।

ସ୍ଥାନୀୟ ଗୋଷ୍ଠୀର ଅଂଶଗ୍ରହଣ ଓ ସହଭାଗୀତା ମାଧ୍ୟମରେ ଆଶ୍ରୟସ୍ଥଳୀ ସ୍ଥାୟୀ ରକ୍ଷଣାବେକ୍ଷଣକୁ ଦୃଢ ନିଶ୍ଚିତ କରିଥାଏ । ବାତ୍ୟା ଆଶ୍ରୟସ୍ଥଳୀର ପରିଚାଳନା ଓ ସୁଦୃଢୀକରଣ ନିମନ୍ତେ ଜନସାଧାରଣଙ୍କର ସକ୍ରିୟ ଅଂଶଗ୍ରହଣ, ରକ୍ଷଣଶୀଳ ମନୋଭାବର ଆବଶ୍ୟକତା ରହିଅଛି ।



*କୌଣସି କୋଠାଘରର ନକ୍ସା କିମ୍ବା ସରଞ୍ଜାମ ଜୀବନ ବଞ୍ଚାଏ ନାହିଁ,*
*ବରଂ ପ୍ରାକ୍ ପ୍ରସ୍ତୁତି, ସଠିକ କୌଶଳ ଏବଂ ଗୋଷ୍ଠୀର ଉଚିତ୍ ପ୍ରସ୍ତୁତି ଓ ମୁକାବିଲା*
*ଜୀବନହାନି ରୋକିଥାଏ ।*
*ଓଏସ୍‌ଡିଏମ୍‌ଏ ଗୋଷ୍ଠୀକୁ ସଶକ୍ତିକରଣ କରିବା ପାଇଁ ପ୍ରତିଶୃତିବଦ୍ଧ ।*

## ଆଶ୍ରୟସ୍ଥଳୀ ପରିଚାଳନାରେ ଗୋଷ୍ଠୀର ଭୂମିକା

ଆଶ୍ରୟସ୍ଥଳୀ ପରିଚାଳନାରେ ସ୍ଥାନୀୟ ଜନସାଧାରଣଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଗୋଷ୍ଠୀ ହିଁ ବିପର୍ଯ୍ୟୟର ପ୍ରଥମ ମୁକାବିଲାକାରୀ ହୋଇଥିବାରୁ ବିପର୍ଯ୍ୟୟ ସମୟରେ ମୁକାବିଲା ପରିଚାଳନା ସମ୍ବନ୍ଧରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଓଡ୍ରାଫ୍, ସିଭିଲ୍ ଡିଫେନ୍ସ ଭଲ୍ୟୁଣ୍ଟିୟର, ସେଣ୍ଟ ଜେନ୍ ଆମ୍ବୁଲାନ୍ସ ଓ ତାଲିମ୍‌ପ୍ରାପ୍ତ ପ୍ରଶିକ୍ଷକଙ୍କ ଦ୍ୱାରା ଗୋଷ୍ଠୀସ୍ତରରେ ଆଶ୍ରୟସ୍ଥଳୀ ପରିଚାଳନା ସମିତିର ସଭ୍ୟ/ସଭ୍ୟା, ଗୋଷ୍ଠୀ ପ୍ରତିନିଧି ଓ ବିପର୍ଯ୍ୟୟ ମୁକାବିଲାକାରୀ ଦଳର ସ୍ୱେଚ୍ଛାସେବୀଙ୍କୁ ଦିଆଯାଇଥିବା ତାଲିମ୍ କୁ ସଠିକ୍ ସମୟରେ କାର୍ଯ୍ୟକାରୀ କରିବା ଗୋଷ୍ଠୀର ଭୂମିକା ଥାଏ ।



ଏତଦ୍‌ବ୍ୟତୀତ ଗୋଷ୍ଠୀର କେତେକ ସଦସ୍ୟମାନଙ୍କୁ ଆଶ୍ରୟସ୍ଥଳୀସ୍ତରୀୟ ଉପକରଣ ସମ୍ବନ୍ଧରେ ଫଳପ୍ରଦ ତାଲିମ୍ ଦିଆଯାଇଥାଏ । କୌଣସି ଜରୁରୀକାଳୀନ ସ୍ଥିତି ବା ବିପର୍ଯ୍ୟୟ ସମୟରେ ଏହି ତାଲିମ୍ ପ୍ରାପ୍ତ ଗୋଷ୍ଠୀର ସଦସ୍ୟମାନେ ଉପକରଣ/ସରଞ୍ଜାମ ଗୁଡିକର ପରିଚାଳନା କରି ବ୍ୟବହାର କରିଥାନ୍ତି ।

ଉପକରଣଗୁଡିକର ବ୍ୟବହାର ପାଇଁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓ.ଏସ୍.ଡି.ଏମ୍.ଏ) ଦ୍ୱାରା ପୃଥକ ଭାବେ କିଭଳି ବ୍ୟବହାର କରାଯିବ ସେ ସମ୍ବନ୍ଧୀୟ ତାଲିମ୍ ପୁସ୍ତିକା ପ୍ରକାଶ କରାଯାଇଛି ।

ଆଶ୍ରୟସ୍ଥଳୀକୁ ଗୋଷ୍ଠୀ ନିଜର ସଂପତ୍ତି ଭାବି ଏହାର ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସମସ୍ତଙ୍କର ଦାୟିତ୍ୱ ଅଟେ ।

ଆଶ୍ରୟସ୍ଥଳୀସ୍ତରୀୟ ସମସ୍ତ କାର୍ଯ୍ୟକ୍ରମ ସଂପର୍କରେ ଅବଗତ ହେବା ନିମନ୍ତେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡ଼ିଓ), ଜିଲ୍ଲା ପ୍ରଶାସନ ଏବଂ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ)ଙ୍କ ସହ ଯୋଗସୂତ୍ର ରଖି ଜାଣିପାରିବେ ।

## ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟ

ପ୍ରାକ୍ ମୌସୁମୀ ଅବ୍ୟବହିତ ପୂର୍ବରୁ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି ଆଶ୍ରୟସ୍ଥଳୀଗୁଡିକର ଉତ୍ତମ ରକ୍ଷଣାବେକ୍ଷଣା ଉପରେ ବିଶେଷ ଧ୍ୟାନ ଦେଇଥାନ୍ତି ଯେପରିକି ଛାତରୁ ପାଣି ଗଡିବା, ବାହାର ପାଇପ୍ କାମ, ବିଦ୍ୟୁତ କାର୍ଯ୍ୟ ଇତ୍ୟାଦି । ଯଦି ଛାତରେ ଫାଟ, ପାଣି ଜକେଇବା, ପାଣି ଗଳିବା, ତାଜା ଉପର ସ୍ତରର ମରାମତି କିମ୍ବା ଅନ୍ୟ କିଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମରାମତି କାର୍ଯ୍ୟଥାଏ ତାହା କରାଯାଇଥାଏ । ଆଶ୍ରୟସ୍ଥଳୀର ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିର ଉପରୋକ୍ତ କାର୍ଯ୍ୟ ନିମନ୍ତେ କାର୍ଯ୍ୟାନୁଷ୍ଠାନ ପାଇଁ ସଂପୃକ୍ତ ଜିଲ୍ଲା ପ୍ରଶାସନ, ବ୍ଲକ ଉନ୍ନୟନ ଅଧିକାରୀ (ବି.ଡି.ଓ.), ଯନ୍ତ୍ରୀ, ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ)ର ନଜରକୁ ଆଣିଥାନ୍ତି ।

ଆଶ୍ରୟସ୍ଥଳୀ ପରିଦର୍ଶନ ସମୟରେ ନିମ୍ନଲିଖିତ ଦିଗ ପ୍ରତି ଦୃଷ୍ଟି ଦିଆଯାଇଥାଏ:

**୧. ମୂଳଦୁଆ ବିବରଣୀ:**

କ. ରହିଥିବା ଉସ୍ /ଫାଟ ପରିଖିବା

ଖ. ପିଚିଂର ଅବସ୍ଥା/ସ୍ଥିତିକୁ ଅନୁଧ୍ୟାନ କରିବା

ଗ. ଯଦି ଚଟାଣ ଦବି ଯାଇଥାଏ ତେବେ ସାବଧାନତାର ସହିତ ଏହାର ପ୍ରତିକାର କରିବା ପାଇଁ ପଦକ୍ଷେପ ନେବା ।

**୨. ଉତ୍କୃଷ୍ଟ ଗଠନ : ବାହ୍ୟ ପାର୍ଶ୍ୱ**

କ. ଛାତ, ବାଲ୍‌କୋନି ଓ ଉପର ଦ୍ୱାର ଇତ୍ୟାଦିରୁ ପାଣି ଝରୁଥିଲେ ବା ଜକାଉଥିଲେ । ତାହାର ମରାମତି ଦରକାର ।

ଖ. କାନ୍ଥ ଓ ଚଟାଣର ଆଂଶିକ ମରାମତିର ବ୍ୟବସ୍ଥା କରାଯିବା ଦରକାର ।

**୩. ଉତ୍କୃଷ୍ଟ ସଂରଚନା/ଗଠନ: ଭିତର ପାର୍ଶ୍ୱ**

କ. ଲୁହା ଛଡ଼ରେ କଳଙ୍କି/କଂକ୍ରିଟ୍ ଛାଡ଼ିବା

ଖ. ପ୍ଲିନ୍ଥ, କାନ୍ଥ, ଚଟାଣରେ ଫାଟ

ଗ. ରହିଥିବା କାଠ ଆଦିରେ ଉଇ ଲାଗିବା ପ୍ରତି ସାବଧାନତା

ଘ. ରଙ୍ଗ ଧଉଳା / ସଫା ସୁତରା ଇତ୍ୟାଦି

ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି ଉକ୍ତ କାର୍ଯ୍ୟ ନିମନ୍ତେ ସଂପୃକ୍ତ ବ୍ଲକର ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ/ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ)ର ନଜରକୁ ଆଣି ଆବଶ୍ୟକତାନୁସାରେ ଉତ୍ତମ ରକ୍ଷଣାବେକ୍ଷଣ ନିମନ୍ତେ ନିମ୍ନଲିଖିତ କାର୍ଯ୍ୟ ପ୍ରତି ଧ୍ୟାନ ଦେଇଥାନ୍ତି ।

- ରଙ୍ଗ ଦେବା
- ପ୍ଲାଷ୍ଟର ଏବଂ ଚଟାଣ ନଷ୍ଟ / କ୍ଷତି
- ବିଦ୍ୟୁତ ସଂଯୋଗ ଏବଂ ଜଳ ଯୋଗାଣ ନଷ୍ଟ/ କ୍ଷତି, ଯଦି ଅନ୍ୟାନ୍ୟ
- କବାଟ / ଝରକାର ରକ୍ଷଣାବେକ୍ଷଣ

## ବିପର୍ଯ୍ୟୟ ପରିଚାଳନାରେ ଗୋଷ୍ଠୀର ଭୂମିକା

ବିପର୍ଯ୍ୟୟ ପରିଚାଳନାରେ ଗୋଷ୍ଠୀର ଚତୁଃସ୍ତରୀୟ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

୧. ବିପର୍ଯ୍ୟୟ ନଥିବା ସମୟରେ

୨. ବିପର୍ଯ୍ୟୟ ପୂର୍ବ ସ୍ଥିତି

୩. ବିପର୍ଯ୍ୟୟ ସମୟରେ

୪. ବିପର୍ଯ୍ୟୟର ପରବର୍ତ୍ତୀ ଅବସ୍ଥା

### ବିପର୍ଯ୍ୟୟ ନଥିବା ସମୟରେ

- ସ୍ଥାନୀୟ ଗୋଷ୍ଠୀ ମଧ୍ୟରେ ବିପର୍ଯ୍ୟୟ ପ୍ରସ୍ତୁତି, ପରିଚାଳନା ଓ ଜ୍ଞାନକୁ ସୁଦୃଢ଼ୀକରଣ କରିବା ପାଇଁ ଆଶ୍ରୟସ୍ଥଳୀ ସ୍ତରରେ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟମାନ ଆୟୋଜନ କରିବା ଆବଶ୍ୟକ ।
- ସ୍ଥାନୀୟ ବିପର୍ଯ୍ୟୟକୁ ଆଧାର କରି, ବିପର୍ଯ୍ୟୟ ପ୍ରସ୍ତୁତି ପୁସ୍ତିକା (ଗୋଷ୍ଠୀ ସୁରକ୍ଷା ଯୋଜନା) ପ୍ରସ୍ତୁତି କରିବା ।

- ବିପର୍ଯ୍ୟୟ ପରିଚାଳନା ଓ ମୁକାବିଲା ଅଭ୍ୟାସରେ ସାମିଲ ହେବା ।
- ସଦାସର୍ବଦା ଆଶ୍ରୟସ୍ଥଳୀକୁ ବ୍ୟବହାର ଉପଯୋଗୀ କରି ରଖିଲେ, ଏହା ଆବଶ୍ୟକସ୍ଥଳେ ଅନେକ ଲୋକଙ୍କ ଜୀବନ ରକ୍ଷା କରିବାରେ ସହାୟକ ହୋଇପାରିବ ।
- ନିୟମିତ ଭାବରେ ଆଶ୍ରୟସ୍ଥଳୀରେ ବୈଠକ ଆୟୋଜନ କରିବା ଆବଶ୍ୟକ ।
- ଏଥିରେ ବନ୍ୟା/ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ସମିତିର ସଭ୍ୟ/ସଭ୍ୟା, ଗୋଷ୍ଠୀସ୍ତରୀୟ ଟାସ୍କଫୋର୍ସ ସ୍ୱେଚ୍ଛାସେବୀ ଦଳ ଓ ନୋଡାଲ ଏନ୍‌ଜିଓ ତଥା ଅଂଶୀଦାରମାନେ ଉପସ୍ଥିତ ରହିବା ଆବଶ୍ୟକ ।
- ଆଶ୍ରୟସ୍ଥଳୀକୁ ଦୈନିକ ବ୍ୟବହାର କରିବା ଦ୍ୱାରା ଏହାର ପ୍ରତ୍ୟେକ ବଖରା, ପାଇଖାନା ଓ ଗାଧୁଆଘର ଏବଂ ଆଶ୍ରୟସ୍ଥଳୀରେ ଲାଗିଥିବା ପ୍ରତ୍ୟେକ ଉପକରଣଗୁଡ଼ିକ (କାଠ ତିଆରି ସାମଗ୍ରୀ, ଲୁହା ତିଆରି ସାମଗ୍ରୀ, ବିଦ୍ୟୁତ୍ ଉପରକରଣ, ପାଣି ସଂଯୋଗ ପାଇପ୍ ଇତ୍ୟାଦି) ପରିଷ୍କାର ରହିବା ସହିତ ବ୍ୟବହାର ଉପଯୋଗୀ ହୋଇପାରିବ ।
- ଅତିକମ୍‌ରେ ମାସକୁ ଥରେ ଆଶ୍ରୟସ୍ଥଳୀର ସମସ୍ତ ସରଞ୍ଜାମକୁ ଖୋଲନ୍ତୁ, ପରିଷ୍କାର କରନ୍ତୁ ଓ ବ୍ୟବହାର କରି ଭଲଭାବରେ ସାଇତି ରଖନ୍ତୁ ।
- ଆଶ୍ରୟସ୍ଥଳୀ ଏବଂ ଏହାର ଚତୁଃପାର୍ଶ୍ୱ ପରିଷ୍କାର ରଖିବା ସହ ସ୍ୱାସ୍ଥ୍ୟକର ପରିବେଶ ବଜାୟ ରଖନ୍ତୁ ।

## ବିପର୍ଯ୍ୟୟ ପୂର୍ବ ସ୍ଥିତି

ଗ୍ରାମରେ ପୂର୍ବରୁ ଘଟିଯାଇଥିବା ବିପର୍ଯ୍ୟୟର କ୍ଷୟକ୍ଷତିକୁ ଅନୁଶୀଳନ କରି ବିପର୍ଯ୍ୟୟ ପୂର୍ବ ସ୍ଥିତି/ ଅବସ୍ଥା ପ୍ରସ୍ତୁତି ଏବଂ ବିପର୍ଯ୍ୟୟ ହ୍ରାସକରଣ ମୁଖ୍ୟ କାର୍ଯ୍ୟ ହୋଇଥାଏ । ଗୋଷ୍ଠୀସ୍ତରରେ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି ନିମ୍ନରେ ପ୍ରଦତ୍ତ କାର୍ଯ୍ୟାବଳୀକୁ ଅନୁକରଣ କରିବା ଆବଶ୍ୟକ:-

- ତାଲିମ୍ ପ୍ରାପ୍ତ କାର୍ଯ୍ୟନିର୍ବାହୀ ସଦସ୍ୟ ଚୟନ
- ମକ୍ ଡ୍ରିଲରେ ସକ୍ରିୟ ଅଂଶଗ୍ରହଣ କରି ଦକ୍ଷତା ବୃଦ୍ଧି କରିବା
- ଅଞ୍ଚଳ ଅନୁଯାୟୀ ଜନସାଧାରଣ କେଉଁ ସବୁ ବିପର୍ଯ୍ୟୟର ସମ୍ମୁଖୀନ ହେଉଛନ୍ତି, ତାହାର ତାଲିକା ସହ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ କରିବା ।

- ବିପର୍ଯ୍ୟୟ ପୂର୍ବରୁ ଏକ ଜରୁରୀକାଳୀନ ବୈଠକ ଆୟୋଜନ କରି, ତୁରନ୍ତ ସ୍ଥାନାନ୍ତରଣ ପଥ ଚିହ୍ନଟୀକରଣ ଏବଂ ଭିନ୍ନ ଭିନ୍ନ କାର୍ଯ୍ୟନିର୍ବାହୀ ସଦସ୍ୟ/ସଦସ୍ୟାଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯିବା ଆବଶ୍ୟକ ।
- କାର୍ଯ୍ୟାବଳୀର ତାଲିକା ପ୍ରସ୍ତୁତି କରିବା ସହ କର୍ତ୍ତବ୍ୟ ତାଲିକା
- ବୃଦ୍ଧବୃଦ୍ଧା, ଅସାହାୟ ବ୍ୟକ୍ତି/ଅସୁସ୍ଥ ବ୍ୟକ୍ତି, ଗର୍ଭବତୀ ମହିଳା, ପ୍ରସୂତି ମା' ଓ ଶିଶୁମାନଙ୍କୁ ଚିହ୍ନଟ କରିବା ସହ ସ୍ଥାନାନ୍ତରଣ ସମୟରେ ସେମାନଙ୍କ ପ୍ରତି ବିଶେଷ ଦୃଷ୍ଟି ଦିଆଯିବା ଆବଶ୍ୟକ ।
- ଆଶ୍ରୟସ୍ଥଳୀରେ ମୌଳିକ ସେବା ଯଥା ବିଦ୍ୟୁତ ସଂଯୋଗ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା ଏବଂ ଉପକରଣ ଯୋଗାଣକୁ ନିଶ୍ଚିତ କରିବା ।
- ଆବଶ୍ୟକତା ଅନୁଯାୟୀ ଆଶ୍ରୟସ୍ଥଳୀ ଏବଂ ଏହାର ଚତୁଃପାର୍ଶ୍ୱକୁ ସଫାସୁତରା ରଖିବା ।
- ବିପର୍ଯ୍ୟୟ ପୂର୍ବରୁ ସଂପୃକ୍ତ ବ୍ଲକ ଉନ୍ନୟନ ଅଧିକାରୀ (ବି.ଡି.ଓ)ଙ୍କ ସହ ଯୋଗାଯୋଗ କରି ରିଲିଫ୍ ସାମଗ୍ରୀ ମହଜୁଦ ରଖିବା ।
- ବିପର୍ଯ୍ୟୟଜନିତ ସଠିକ୍ ସୂଚନା ନିମନ୍ତେ ସଂପୃକ୍ତ ଅଧିକାରୀଙ୍କ ସହ ଯୋଗାଯୋଗ କରିବା ଆବଶ୍ୟକ ।
- ଜଣେ ବରିଷ୍ଠ ଜଣାଶୁଣା ବ୍ୟକ୍ତିଙ୍କୁ ଆଶ୍ରୟସ୍ଥଳୀରେ ରଖିବା ।
- ଗୃହ ତ୍ୟାଗ କରିବା ପୂର୍ବରୁ ପାରିବାରିକ ସ୍ତରରେ ଜରୁରୀକାଳୀନ କିଟ୍ ପ୍ରସ୍ତୁତି ପାଇଁ ଜଣାଇବା । ଉକ୍ତ କିଟ୍ ମଧ୍ୟରେ ମୂଲ୍ୟବାନ କାଗଜପତ୍ର, ପ୍ରମାଣପତ୍ର ଓ ଜମିଜମା କାଗଜ, ଶୁଖିଲା ଖାଦ୍ୟ, ଔଷଧ, ଟର୍ଚ୍ଚଲାଇଟ୍, ମହମବତୀ, ଦିଆସିଲ ଏବଂ କିଛି ନିତ୍ୟ ବ୍ୟବହାର ବସ୍ତୁ ରହିବା ଆବଶ୍ୟକ ।
- ଆଶ୍ରୟସ୍ଥଳୀକୁ ଜରୁରୀକାଳୀନ କିଟ୍ ସମେତ ବିପଦସଙ୍କୁଳ ଜନସାଧାରଣଙ୍କୁ ସ୍ଥାନାନ୍ତରଣରେ ସାହାଯ୍ୟ କରିବା ଆବଶ୍ୟକ ।
- ଗୃହପାଳିତ ପଶୁମାନଙ୍କର ଯତ୍ନ ନେବା
- ପରିବାର ସଦସ୍ୟଙ୍କ ଅନୁପସ୍ଥିତି ସମୟରେ ଗୃହର ନିରାପଦକୁ ନିଶ୍ଚିତ କରିବା ।

## ବିପର୍ଯ୍ୟୟ ସମୟରେ

- ଆଶ୍ରୟସ୍ଥଳୀକୁ ଆସିବା ସମୟରେ ଯେପରି କେହି ରହି ନ ଯାଆନ୍ତି ତାହା ନିଶ୍ଚିତ କରିବା ସହ ସନ୍ଧାନ ଓ ଉଦ୍ଧାରକୁ ଗୁରୁତ୍ୱ ଦେବା ।
- ଆଶ୍ରୟସ୍ଥଳୀର ନିର୍ଦ୍ଧାରିତ ସମସ୍ତ ନୀତି ନିୟମକୁ ପାଳନ କରିବା
- ବିପର୍ଯ୍ୟୟଜନିତ ସଠିକ୍ ସୂଚନା ନିମନ୍ତେ ସ୍ଥାନୀୟ ଅଧିକାରୀଙ୍କ ସହ ଯୋଗାଯୋଗ ରଖିବା ସହ ରେଡିଓ, ଟି.ଭି ଖବର ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ଗୁଜବକୁ ବିଶ୍ୱାସ କରନ୍ତୁ ନାହିଁ ।
- ରିଲିଫ୍ ସାମଗ୍ରୀ ବଣ୍ଟନ ବେଳେ ସରକାରୀ ଅଧିକାରୀଙ୍କୁ ସହଯୋଗ କରିବା ଜରୁରୀ ଅଟେ ।
- ରିଲିଫ୍ ସାମଗ୍ରୀ ବଣ୍ଟନ କରୁଥିବା ସମୟରେ ଶିଶୁ, ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ ଏବଂ ଗର୍ଭବତୀ ମହିଳାଙ୍କ ପ୍ରତି ବିଶେଷ ଗୁରୁତ୍ୱ ଦିଅନ୍ତୁ ।
- ଧାଡିରେ ରହିବା ସହ ଶୃଙ୍ଖଳା ରକ୍ଷା କରିବା ଉଚିତ୍ ।
- ଗୁଜବ ପ୍ରତି ସତର୍କ ରୁହନ୍ତୁ ଏବଂ ବିଶ୍ୱାସ କରନ୍ତୁ ନାହିଁ ।

## ବିପର୍ଯ୍ୟୟ ପର ଅବସ୍ଥା/ସ୍ଥିତି

ପ୍ରଶାସନିକ ସହାୟତା

- ବିପର୍ଯ୍ୟୟ ଟଳି ଯାଇଥିବା / ବିପର୍ଯ୍ୟୟ ନଥିବା ସଠିକ୍ ସୂଚନାକୁ ପ୍ରସାର କରିବା
- ପୀଡିତମାନଙ୍କୁ ସାହାଯ୍ୟ /ରିଲିଫ୍ ଦେବା
- ବିପର୍ଯ୍ୟୟରେ ହୋଇଥିବା କ୍ଷୟକ୍ଷତିର ଆକଳନ କରିବା
- ପ୍ରଶାସନିକ ସ୍ତରରେ ପୁନଃଥଇଥାନ ବ୍ୟବସ୍ଥା, ଅନ୍ୟାନ୍ୟ
- ବିପର୍ଯ୍ୟୟ ସ୍ଥିତି ସଂପୂର୍ଣ୍ଣ ସାଧାରଣ ଅବସ୍ଥାକୁ ଫେରିଲା ପରେ ଆଶ୍ରୟସ୍ଥଳୀ ଛାଡି ନିଜ ନିଜ ବାସଗୃହକୁ ଫେରିବା ।
- ବିପର୍ଯ୍ୟୟ ପରେ ମଧ୍ୟ ଆଶ୍ରୟସ୍ଥଳୀ ଭିତର/ବାହାର ଓ ଚତୁଃପାର୍ଶ୍ୱକୁ ସଫାସୁତରା ରଖିବା ।

***ବିପର୍ଯ୍ୟୟ ନିରୋଧକ ଶକ୍ତି ବୃଦ୍ଧି ପାଇଁ ଗୋଷ୍ଠୀକୁ ସଶକ୍ତ କରିବା ଆବଶ୍ୟକ ।***

## ଜରୁରୀକାଳୀନ କିଟ୍ ପ୍ରସ୍ତୁତି (ପରିବାର ସ୍ତରରେ)

ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରଣ ପୂର୍ବରୁ ବିପଦସଙ୍କୁଳ ଜନସାଧାରଣ ଓ ପରିବାର ସ୍ତରରେ ଜରୁରୀକାଳୀନ କିଟ୍ ପ୍ରସ୍ତୁତ କରିବା ନିମନ୍ତେ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି ର ସଭ୍ୟ ସଭ୍ୟା ଏବଂ କାର୍ଯ୍ୟନିର୍ବାହୀ (ଟାସ୍କଫୋର୍ସ)ସଦସ୍ୟ/ସଦସ୍ୟାମାନେ ଗୋଷ୍ଠୀସ୍ତରରେ ଶିକ୍ଷା ଦେବା ସହ ସେମାନଙ୍କୁ ପ୍ରାଞ୍ଜଳ ଭାବରେ ଅବଗତ କରାଇବେ ।

ଉକ୍ତ କିଟ୍‌ରେ ନିମ୍ନଲିଖିତ ଜିନିଷପତ୍ର ରହିବ ଯଥା:

୧. ଶୁଖିଲା ଖାଦ୍ୟ (ଚୂଡ଼ା, ମୁଢ଼ି, ଗୁଡ, ଚିନି, ବିସ୍କୁଟ ଇତ୍ୟାଦି)

୨. ଔଷଧ

୩. ଶିଶୁ ଖାଦ୍ୟ

୪. ମହମବତୀ

୫. ଟର୍ଚ୍ଚ ଲାଇଟ୍

୬. ଦିଆସିଲି

୭. ସୁନାଗହଣା (ନିଜ ଦାୟିତ୍ୱରେ)

୮. ସାର୍ଟିଫିକେଟ୍ (ପ୍ରମାଣପତ୍ର) /ବ୍ୟାଙ୍କ ପାସ୍ ବୁକ୍ (ଜଳ ପ୍ରତିରୋଧକ ବ୍ୟାଗରେ)

୯. ଜମିଜମା, ଘରବାରି ପଟା ପାଉତି ସହ ଅନ୍ୟ ମୂଲ୍ୟବାନ କାଗଜପତ୍ର (ଜରି ମଧ୍ୟରେ)

୧୦. ଦରକାରୀ ବସ୍ତ୍ର

୧୧. ଅନ୍ୟାନ୍ୟ ଦରକାରୀ/ଆବଶ୍ୟକୀୟ ଜିନିଷପତ୍ର

ଆଶ୍ରୟସ୍ଥଳୀରେ ରହିବା ସମୟରେ ବ୍ୟକ୍ତିଗତ ନିରାପଦ ସହ ସାଂଗରେ ଆଣିଥିବା ଜୁରୁରୀକାଳୀନ କିଟ୍‌କୁ ମଧ୍ୟ ନିଜ ଦାୟିତ୍ୱରେ ରଖିବା ଜରୁରୀ ଅଟେ । କୌଣସି କାରଣବଶତଃ ଯଦି କିଛି ଜିନିଷ କ୍ଷତି/ ହଜିବା/ ଚୋରୀ ହୋଇଯାଏ, ସେଥିପାଇଁ ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି କିମ୍ବା କୌଣସି ଅଧିକାରୀ ଦାୟି ରହିବେ ନାହିଁ ।

# ଆଶ୍ରୟସ୍ଥଳୀରେ ଉପଲବ୍ଧ ସୁବିଧା ସୁଯୋଗ ପାଇଁ ସମ୍ମାନ ଏବଂ ମାନ୍ୟତା

ପ୍ରତିବର୍ଷ ଅକ୍ଟୋବର ୨୯ ତାରିଖରେ ରାଜ୍ୟସ୍ତରୀୟ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନ ଅବସରରେ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀର ଉତ୍ତମ ରକ୍ଷଣାବେକ୍ଷଣ, ପରିଚାଳନା କାର୍ଯ୍ୟବଳୀ, ସ୍ୱେଚ୍ଛାସେବୀ ମନୋବୃତ୍ତି, ଉତ୍ସାହ ଆଦିକୁ ସଂପୃକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରସ୍ତାବ ଆସିଥାଏ । ତାକୁ ଅନୁଧ୍ୟାନ କରି ସବୁଠୁ ଉତ୍ତମ ପ୍ରଦର୍ଶନ କରିଥିବା ତିନୋଟି ବାତ୍ୟା ଓ ତିନୋଟି ବନ୍ୟା ଆଶ୍ରୟସ୍ଥଳୀ ଓ ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଦ୍ୱାରା ପ୍ରସ୍ତାବିତ ତିନୋଟି ଆଶ୍ରୟସ୍ଥଳୀକୁ ମଧ୍ୟ ସମ୍ମାନିତ କରାଯାଇଥାଏ ।




ସେହିଭଳି ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନ ଅବସରରେ ପ୍ରତିବର୍ଷ ବହୁମୁଖୀ ଆଶ୍ରୟସ୍ଥଳୀର କାର୍ଯ୍ୟନିର୍ବାହୀ ଦଳ (ଟାସ୍କଫୋର୍ସ) ସଦସ୍ୟ/ସଦସ୍ୟାମାନଙ୍କୁ ନେଇ ସନ୍ଧାନ ଓ ଉଦ୍ଧାର କୌଶଳ ପ୍ରଦର୍ଶନ ଏବଂ ପ୍ରାଥମିକ ଚିକିତ୍ସା ପଦ୍ଧତିରେ ପ୍ରତିଯୋଗୀତା କରାଯାଇଥାଏ । ଉକ୍ତ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରିଥିବା ଉଭୟ ଦଳର ତିନୋଟି ଦଳକୁ ଆୟୋଜିତ ସମାରୋହରେ ସମ୍ମାନିତ କରାଯିବାର ବ୍ୟବସ୍ଥା ରହିଛି ।




*ଗୋଷ୍ଠୀ ହିଁ ବିପର୍ଯ୍ୟୟର ପ୍ରଥମ ମୁକାବିଲାକାରୀ ଦଳ ।*

# ଆଶ୍ରୟସ୍ଥଳୀ ସ୍ତରୀୟ ଷ୍ଟକ୍ ରେଜିଷ୍ଟର ପାଇଁ ଫର୍ମାଟ୍

**ଆଶ୍ରୟସ୍ଥଳୀ ସ୍ତରୀୟ ଷ୍ଟକ ରେଜିଷ୍ଟର**
**Shelter Level Stock Register**

ଆଶ୍ରୟସ୍ଥଳୀର ନାମ........................ ପୃଷ୍ଠା ନଂ (Page No.)

Name of the Shelter...............................

| କ୍ର.ସଂ. Sl. No. | ସାମଗ୍ରୀର ନାମ Item Name | ସାମଗ୍ରୀର ସମ୍ପୂର୍ଣ୍ଣ ବିବରଣୀ Item Description | ପରିମାଣ Quantity | ମୂଲ୍ୟ Cost | ପ୍ରାପ୍ତି ସାମଗ୍ରୀର ଚାଲାଣ ନଂ ଏବଂ ତାରିଖ Challan No. & Date | ଯୋଗାଣକାରୀ ସଂସ୍ଥାର ନାମ ଓ ଠିକଣା Supplier Name & Address | ଗ୍ରହୀତାଙ୍କ ସ୍ୱାକ୍ଷର, ପଦବୀ ଏବଂ ତାରିଖ Recipient Sign, Designation & Date | ମନ୍ତବ୍ୟ Remarks |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| | | | | | | | | |

# ଆଶ୍ରୟସ୍ଥଳୀ ଲଗ୍ ବହି ଫର୍ମାଟ୍

**ଆଶ୍ରୟସ୍ଥଳୀ ନାମ:**

**ଉପକରଣର ନାମ:**

**ମେସିନ୍ ନମ୍ବର:**

| ତାରିଖ | ବ୍ୟବହାର କରିବାର ଅବଧି (ଘଣ୍ଟାରେ) | ବ୍ୟବହାରର କାରଣ | ଇନ୍ଧନର ପୂର୍ବ ଜମା | ଇସ୍ୟୁ ହୋଇଥିବା ଇନ୍ଧନ | ବ୍ୟବହାର ହୋଇଥିବା ଇନ୍ଧନ | ବଳକା | ବ୍ୟବହାରକାରୀଙ୍କ ସ୍ୱାକ୍ଷର | ତଦାରଖକାରୀଙ୍କ ସ୍ୱାକ୍ଷର | ମନ୍ତବ୍ୟ |
|---|---|---|---|---|---|---|---|---|---|
| | | | | | | | | | |

*ଓଏସ୍‌ଡିଏମ୍‌ଏ ସର୍ବଦା ବିପଦସଂକୁଳ ଗୋଷ୍ଠୀ ସହ ରହି ଆସିଅଛି।*

## Format for Shelter Cash Register

No. CSMMC/FSMMC................................................... **CASH REGISTER** No.

**Receipt / ଆଦାୟ** For the month of .....................................20 **Expenditure/ଖର୍ଚ୍ଚ**

| Date ତାରିଖ | Particulars ବିବରଣୀ | Voucher No. ଭାଉଚର ନଂ. | Cash Rs. | Cash P. | Bank Rs. | Bank P. | Total Rs. | Total P. |
|---|---|---|---|---|---|---|---|---|
| | | | | | | | | |
| | | | | | | | | |
| | | | | | | | | |
| | | | | | | | | |
| | | | | | | | | |
| | | | | | | | | |
| | | | | | | | | |
| | | | | | | | | |
| | | | | | | | | |
| | | | | | | | | |
| | | | | | | | | |
| | | | | | | | | |

| Date ତାରିଖ | Particulars ବିବରଣୀ | Voucher No. ଭାଉଚର ନଂ. | Cash Rs. | Cash P. | Bank Rs. | Bank P. | Total Rs. | Total P. |
|---|---|---|---|---|---|---|---|---|
| | | | | | | | | |
| | | | | | | | | |
| | | | | | | | | |
| | | | | | | | | |
| | | | | | | | | |
| | | | | | | | | |
| | | | | | | | | |
| | | | | | | | | |
| | | | | | | | | |
| | | | | | | | | |
| | | | | | | | | |
| | | | | | | | | |

## Format for Shelter Resolution Register

ଆଶ୍ରୟସ୍ଥଳୀ ସ୍ତରୀୟ ଅଧିବେଶନ ରେଜିଷ୍ଟର ପୃଷ୍ଠା ନମ୍ବର.................

**Shelter Level Resolution Register**

ଅଧିବେଶନ ନଂ........................ ତାରିଖ............................

*ଆଶ୍ରୟସ୍ଥଳୀ ପରିଚାଳନା ଏକ ବହୁବିଧ ପ୍ରକ୍ରିୟା । ଏହା ସବୁ ସ୍ତରର ସମନ୍ୱୟର ଅପେକ୍ଷା ରଖେ ।*

## Format for Shelter Level Training Register

Training on ...................................... Date....................................... to.....................................................

| Sl. No. | Trainee's Name | Village | Age | Sex | Qualification | Experience | Contact No. | Signature |
|---|---|---|---|---|---|---|---|---|
| | | | | | | | | |

Signature of Secretary
Shelter Management &
Maintenance Committee

Signature of President
Shelter Management &
Maintenance Committee

## Model for Shelter Management & Maintenance Committee Notice

### ନୋଟିସ୍ ବହିର ନମୁନା

ନୋଟିସ୍ ନଂ.............................          ତାରିଖ.......................................

ଏତଦ୍ୱାରା ................................ ବହୁମୁଖୀ ବାତ୍ୟା /ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିର ସମସ୍ତ ସଦସ୍ୟ /ସଦସ୍ୟାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଆଗାମୀ ତା......................... ରିଖ ଦିନ ଏହି ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିର ଏକ ନିୟମିତ ମାସିକ ବୈଠକ ଅନୁଷ୍ଠିତ ହେବ। ଏଣୁ ଆପଣମାନେ ଉକ୍ତ ବୈଠକରେ ଉପସ୍ଥିତ ହୋଇ ଆପଣଙ୍କର ମୂଲ୍ୟବାନ ମତାମତ ପ୍ରଦାନ କରି ବୈଠକକୁ ସଫଳ କରିବାକୁ ଅନୁରୋଧ।

ଆବାହକ
ସମ୍ପାଦକ,
ବହୁମୁଖୀ ବାତ୍ୟା /ବନ୍ୟା ଆଶ୍ରୟସ୍ଥଳୀ,...............

# Block-wise Abstract

| Dist. Sl. No. | Name of the District | Block/ ULB Sl. No. | Name of Block | OSDMA MCS/MFS Total |
|---|---|---|---|---|
| 1. | Balasore | 1 | Sadar | 30 |
| | | 2 | Simulia | 2 |
| | | 3 | Bhograi | 18 |
| | | 4 | Jaleswar | 3 |
| | | 5 | Remuna | 17 |
| | | 6 | Baliapal | 30 |
| | | 7 | Basta | 4 |
| | | 8 | Bahanaga | 19 |
| | | 9 | Soro | 4 |
| | | 10 | Nilagiri | 1 |
| | | | **Sub Total** | **128** |
| 2. | Baragarh | 11 | Bheden | 1 |
| | | 12 | Ambabhona | 2 |
| | | | **Sub Total** | **3** |
| 3. | Bhadrak | 13 | Basudevpur | 37 |
| | | 14 | Basudevpur NAC | 1 |
| | | 15 | Bhandaripokhari | 4 |
| | | 16 | Bonth | 1 |
| | | 17 | Dhamnagar | 5 |
| | | 18 | Tihidi | 6 |
| | | 19 | Chandabali | 29 |
| | | 20 | Bhadrak | 2 |
| | | | **Sub Total** | **85** |
| 4. | Boudh | 21 | Kantamal | 2 |
| | | 22 | Harabhanga | 1 |
| | | 23 | Boudh | 1 |
| | | | **Sub Total** | **4** |
| 5. | Cuttack | 24 | Niali | 4 |
| | | 25 | Sadar | 1 |
| | | 26 | Kantapada | 1 |
| | | 27 | Nischintkoili | 3 |
| | | 28 | Mahanga | 1 |
| | | 29 | Banki | 4 |
| | | 30 | Dampada | 1 |
| | | 31 | Aathagarh | 2 |
| | | 32 | Tigira | 3 |
| | | 33 | Tangi Choudwar | 1 |
| | | 34 | Badamba | 3 |
| | | 35 | Narasinghpur | 1 |
| | | | **Sub Total** | **25** |
| 6. | Dhenkanal | 36 | Gondia | 2 |
| | | 37 | Kamakhyanagar | 1 |
| | | 38 | Bhuban | 1 |
| | | 39 | Odapada | 2 |
| | | 40 | Parjang | 1 |
| | | 41 | Kankadahad | 1 |
| | | | **Sub Total** | **8** |

| | | | | |
|---|---|---|---|---|
| 7. | Gajapati | 42 | Kashinagar | 3 |
| | | | **Sub Total** | **3** |
| 8. | Ganjam | 43 | Kabisurya Nagar | 2 |
| | | 44 | Aska | 2 |
| | | 45 | Chhatrapur | 11 |
| | | 46 | Ganjam | 28 |
| | | 47 | Khallikote | 16 |
| | | 48 | Rangeilunda | 9 |
| | | 49 | Gopalpur NAC | 1 |
| | | 50 | Seragada | 4 |
| | | 51 | Hinjilicut | 6 |
| | | 52 | Belaguntha | 1 |
| | | 53 | Sorada | 1 |
| | | 54 | Purusottampur | 6 |
| | | 55 | Chikiti | 11 |
| | | 56 | Polasara | 1 |
| | | 57 | Digapahadi | 3 |
| | | 58 | Bhanjanagar | 1 |
| | | | **Sub Total** | **103** |
| 9. | Jagatsinghpur | 59 | Kujanga | 14 |
| | | 60 | Tirtol | 6 |
| | | 61 | Balikuda | 9 |
| | | 62 | Biridi | 3 |
| | | 63 | Erasama | 8 |
| | | 64 | Paradeep Municipality | 1 |
| | | 65 | Nuagaon | 1 |
| | | | **Sub Total** | **42** |
| 10. | Jajpur | 66 | Jajpur | 5 |
| | | 67 | Bari | 7 |
| | | 68 | Dasarathpur | 1 |
| | | 69 | Dharmasala | 1 |
| | | 70 | Korei | 1 |
| | | 71 | Korei (Tahasil-Byasanagar) (Vyasanagar Muncipality-1) | 1 |
| | | 72 | Rasulpur | 1 |
| | | 73 | Binjharpur | 3 |
| | | 74 | Barachana | 5 |
| | | 75 | Danagadi | 1 |
| | | | **Sub Total** | **26** |
| 11. | Jharsuguda | 76 | Lakhanpur | 2 |
| | | | **Sub Total** | **2** |
| 12. | Kalahandi | 77 | Kalampur | 1 |
| | | 78 | Jaipatna | 1 |
| | | 79 | Junagarh | 1 |
| | | 80 | Kesinga | 1 |
| | | | **Sub Total** | **4** |
| 13. | Kendrapara | 81 | Pattamundai | 10 |
| | | 82 | Garadpur | 4 |
| | | 83 | Marshaghai | 8 |
| | | 84 | Aul | 2 |
| | | 85 | Rajkanika | 4 |
| | | 86 | Rajnagar | 35 |

| | | | | |
|---|---|---|---|---|
| | | 87 | Mahakalpada | 35 |
| | | | **Sub Total** | **98** |
| **14.** | **Keonjhar** | **88** | Hatadihi | 3 |
| | | **89** | Ghasipura | 1 |
| | | | **Sub Total** | **4** |
| **15.** | **Khurda** | **90** | Balipatna | 4 |
| | | **91** | Balianta | 4 |
| | | **92** | Banpur | 9 |
| | | **93** | Chilika | 12 |
| | | **94** | Tangi | 15 |
| | | **95** | Khurda | 2 |
| | | **96** | Jatani Municipality | 1 |
| | | **97** | Jatani | 2 |
| | | **98** | Begunia | 2 |
| | | | **Sub Total** | **51** |
| **16.** | **Koraput** | **99** | Jeypore | 1 |
| | | **100** | Borigumma | 1 |
| | | **101** | Kotpad | 1 |
| | | | **Sub Total** | **3** |
| **17.** | **Malkangiri** | **102** | Kalimela | 1 |
| | | **103** | Podia | 1 |
| | | **104** | Korukonda | 1 |
| | | **105** | Mathili | 1 |
| | | | **Sub Total** | **4** |
| **18.** | **Mayurbhanj** | **106** | Shamakhunta | 1 |
| | | **107** | Badasahi | 3 |
| | | **108** | Betonoti | 1 |
| | | **109** | Baripada Municipality | 3 |
| | | **110** | Kaptipada | 1 |
| | | **111** | Udala | 1 |
| | | | **Sub Total** | **10** |
| **19.** | **Nawarangpur** | **112** | Umerkote | 3 |
| | | **113** | Umerkote NAC | 1 |
| | | **114** | Chandahandi | 1 |
| | | **115** | Nabarangapur | 3 |
| | | **116** | Nabarangapur Municipality | 1 |
| | | **117** | Papadahandi | 1 |
| | | | **Sub Total** | **10** |
| **20.** | **Nayagarh** | **118** | Bhapur | 4 |
| | | **119** | Khandapada | 2 |
| | | **120** | Gania | 2 |
| | | **121** | Nayagarh | 2 |
| | | **122** | Odagaon | 1 |
| | | **123** | Ranapur | 6 |
| | | | **Sub Total** | **17** |
| **21.** | **Nuapara** | **124** | Sinapali | 1 |
| | | | **Sub Total** | **1** |
| **22.** | **Puri** | **125** | Satyabadi | 4 |
| | | **126** | Kanas | 24 |
| | | **127** | Nimapara | 3 |
| | | **128** | Gop | 18 |
| | | **129** | Konark NAC | 1 |

| | | | | |
|---|---|---|---|---|
| | | **130** | Puri Sadar | 16 |
| | | **131** | Puri Municipality | 1 |
| | | **132** | Krushnaprasad | 39 |
| | | **133** | Brahmagiri | 31 |
| | | **134** | Delanga | 4 |
| | | **135** | Pipili | 4 |
| | | **136** | Astaranga | 17 |
| | | **137** | Kakatpur | 8 |
| | | | **Sub Total** | **170** |
| **23.** | **Rayagada** | **138** | Gunupur NAC | 1 |
| | | **139** | Rayagada | 1 |
| | | **140** | Bissam Cuttack | 1 |
| | | | **Sub Total** | **3** |
| **24.** | **Sambalpur** | **141** | Maneswar | 1 |
| | | **142** | Sambalpur Town (Municipality) | 3 |
| | | | **Sub Total** | **4** |
| **25.** | **Subarnapur** | **143** | Birmaharj Pur | 1 |
| | | **144** | Dunguripali | 1 |
| | | **145** | Binka NAC | 1 |
| | | **146** | Sonepur Municipality | 2 |
| | | **147** | Ulanda | 1 |
| | | | **Sub Total** | **6** |
| | | | **Total** | **814** |

**N.B.: 1- Anugul, Balangir, Deogarh, Kandhamal & Sundargarh districts are not taken.**

**2- Out of 814 shelters, 19 have been constructed in 14 ULBs and 795 in rural areas of 133 blocks areas.**

୧୯୯୯ ମସିହା ମହାବାତ୍ୟ ।ପରେ ଓଡ଼ିଶାର ବାତ୍ୟା/ବନ୍ୟା ପ୍ରବଣ ଅଞ୍ଚଳରେ ବିପର୍ଯ୍ୟୟ ସମୟରେ କ୍ଷୟକ୍ଷତିକୁ ଯଥା-ସମ୍ବେଦନଶୀଳ ଗୋଷ୍ଠୀର ଜନସାଧାରଣଙ୍କର ଜୀବନକୁ ନିରାପଦ ଭାବେ ରଖିବା ପାଇଁ ନିର୍ମାଣ ହୋଇଥିବା ଆଶ୍ରୟସ୍ଥଳୀକୁ ଗୋଷ୍ଠୀସ୍ତରରେ ଏହାର ରକ୍ଷଣାବେକ୍ଷଣ ଓ ପରିଚାଳନା ପ୍ରଶଂସନୀୟ ହୋଇପାରିଛି । ଯାହାଦ୍ୱାରା ଘଟିଥିବା ବିପର୍ଯ୍ୟୟକୁ ଗୋଷ୍ଠୀସ୍ତରରେ ଉଚ୍ଚକୋଟୀର ପ୍ରସ୍ତୁତି ଓ ମୁକାବିଲା କରିବା ସହ ଆଶ୍ରୟସ୍ଥଳୀ ସ୍ତରରେ ଗଠନ ହୋଇଥିବା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି ଓ ଗୋଷ୍ଠୀର ମିଳିତ ଉଦ୍ୟମରେ ଗୋଷ୍ଠୀସ୍ତରୀୟ ପ୍ରଶିକ୍ଷଣ ପ୍ରାପ୍ତି ଟାସ୍କଫୋର୍ସ ସ୍ୱେଚ୍ଛାସେବୀ ମାନେ ତାଲିମ୍ ଦ୍ୱାରା ପ୍ରାପ୍ତ ଲବ୍ଧ ଜ୍ଞାନକୌଶଳକୁ ଉପଯୋଗ କରି ସଠିକ୍ ସମୟରେ ଉଚିତ୍ ପଦକ୍ଷେପ ନେଇଥିବାରୁ ଓ ସଂପୃକ୍ତ ନୋଡାଲ ଏନ୍‌ଜିଓ, କମ୍ୟୁନିଟି ମୋବିଲାଇଜର୍ ମାନେ ଗୋଷ୍ଠୀ, ପଞ୍ଚାୟତ, ବ୍ଲକ୍, ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହିତ ଉତ୍ତମ ସମନ୍ୱୟ ରକ୍ଷା କରି ମୁକାବିଲାରେ ସହଯୋଗ କରିପାରିଥିବାରୁ ଏହା ବିଶ୍ୱସ୍ତରରେ ଆଦୃତ ପ୍ରଶଂସନୀୟ ହୋଇପାରିଛି । ଆଗକୁ ଆସୁଥିବା ସମ୍ଭାବ୍ୟ ବିପତ୍ତିକୁ ମୁକାବିଲା କରିବାରେ ଏହି ନିତୀନିୟମ ଓ ସଂଯୋଜନା ରକ୍ଷା କରିପାରିଲେ ଅନେକ ମୂଲ୍ୟବାନ ଧନଜୀବନ ହାନୀକୁ ରୋକାଯାଇପାରିବ ।

*ବିପର୍ଯ୍ୟୟରେ ମୃତ୍ୟୁ ନ ହେବା ଆମର ଲକ୍ଷ୍ୟ ଅଟେ ।*



କାର୍ଯ୍ୟନିର୍ବାହୀ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଆଶ୍ରୟସ୍ଥଳୀ ସ୍ତରୀୟ ମକ୍ ଡ୍ରିଲ୍



ଆଶ୍ରୟସ୍ଥଳୀରେ ଥିବା ର୍ୟାମ୍ପ୍



ମକ୍ ଡ୍ରିଲ୍ ଅବସରରେ ଆଶ୍ରୟସ୍ଥଳୀ ସ୍ତରୀୟ ପ୍ରସ୍ତୁତି ବୈଠକ



ଆଶ୍ରୟସ୍ଥଳୀ ସ୍ତରୀୟ କାର୍ଯ୍ୟନିର୍ବାହୀ ସ୍ୱେଚ୍ଛାସେବୀଙ୍କ
ଦ୍ୱାରା ଉଚ୍ଚ ସ୍ଥାନରୁ ଉଦ୍ଧାର କୌଶଳ ପ୍ରଦର୍ଶନ



ଯୁଗ୍ମ ମକ୍ ଡ୍ରିଲ୍ ଅବସରରେ ପ୍ରସ୍ତୁତି ବୈଠକ



ଆଶ୍ରୟସ୍ଥଳୀ ସ୍ତରୀୟ କାର୍ଯ୍ୟନିର୍ବାହୀ ସ୍ୱେଚ୍ଛାସେବୀଙ୍କ
ଦ୍ୱାରା ଉଚ୍ଚ ସ୍ଥାନରୁ ଉଦ୍ଧାର କୌଶଳ ପ୍ରଦର୍ଶନ

**ଗୋଷ୍ଠୀ ହିଁ ବିପର୍ଯ୍ୟୟର ପ୍ରଥମ ମୁକାବିଲାକାରୀ ଦଳ ।**

# ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ





ଜାତୀୟ ଆପଦ ପ୍ରଶମନ ପ୍ରକଳ୍ପ ଦ୍ୱାରା ନିର୍ମିତ ବହୁମୂଖୀ ଆଶ୍ରୟସ୍ଥଳୀ (ଏନ୍‌ସିଆର୍‌ଏମ୍‌ପି) (ବିଶ୍ୱବ୍ୟାଙ୍କ ଅନୁଦାନ)



ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି
ସହାୟତାରେ ନିର୍ମିତ ବହୁମୂଖୀ ଆଶ୍ରୟସ୍ଥଳୀ




ବିଶ୍ୱବ୍ୟାଙ୍କ ସହାୟତାରେ
ନିର୍ମିତ ବହୁମୂଖୀ ଆଶ୍ରୟସ୍ଥଳୀ (ମହାବାତ୍ୟା ପରେ)



ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଦ୍ୱାରା
ନିର୍ମିତ ବହୁମୂଖୀ ଆଶ୍ରୟସ୍ଥଳୀ



ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠି ସହାୟତାରେ
ନିର୍ମିତ ବହୁମୂଖୀ ଆଶ୍ରୟସ୍ଥଳୀ (ମହାବାତ୍ୟା ପରେ)

***ବାତ୍ୟା ଆଶ୍ରୟସ୍ଥଳୀ କେବଳ ଏକ କୋଠାଘର ନୁହେଁ, ଏହା ଏକ ବହୁମୂଖୀ ସାମାଜିକ କେନ୍ଦ୍ର***